ODIA DAILY EDITION
13.12.2024
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଡିସେମ୍ବର-୧୩, ୨୦୨୪
ବର୍ଷ-୩୬, ସଂଖ୍ୟା-୧୫୭
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA

35 Years of publication SINCE 1989

Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

# ଏକକ ନିର୍ବାଚନକୁ କ୍ୟାବିନେଟ୍ ମୋହର

**ନୂଆଦିଲ୍ଲୀ, ୧୨।୧୨:** 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ବିଷୟରେ ବଡ ଖବର ସାମ୍ନାକୁ ଆସିଛି। କେନ୍ଦ୍ର କ୍ୟାବିନେଟ ଗୁରୁବାର ଏହାକୁ ଅନୁମୋଦନ କରିଛନ୍ତି। ଆସନ୍ତା ସପ୍ତାହରେ ଏହା ସଂସଦରେ ଉପସ୍ଥାପିତ ହେବାର ସମ୍ଭାବନା ରହିଛି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହା ଉପରେ କାର୍ଯ୍ୟ ଜାରି ରଖିଛନ୍ତି।

ଏହାପୂର୍ବରୁ ବୁଧବାର (୧୧ ଡିସେମ୍ବର ୨୦୨୪) କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ 'ଏକ ଦେଶ, ଏକ ନିର୍ବାଚନ' ପାଇଁ ବଡ଼ ଦାବି କରିଥିଲେ ଏବଂ ବାରମ୍ବାର ନିର୍ବାଚନ ଯୋଗୁ ଦେଶର ପ୍ରଗତିରେ ବାଧା ସୃଷ୍ଟି କରୁଛି ବୋଲି କହିଥିଲେ। ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ କୁରୁକ୍ଷେତ୍ରରେ ଆୟୋଜିତ ଏକ

## ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପାଇଁ ଆଉ ପାଦେ ବଢ଼ିଲେ ସରକାର

## ଆସନ୍ତା ସପ୍ତାହରେ ସଂସଦରେ ଉପସ୍ଥାପନ ପାଇଁ ପ୍ରସ୍ତୁତି

## ବିଲ୍ ପାରିତ ହେଲେ ୨୦୨୯ରେ ଏକାସାଙ୍ଗରେ ନିର୍ବାଚନ

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିବରାଜ ସିଂ ଚୌହ୍ୱାନ କହିଥିଲେ, ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ଦେଶ ଆଗକୁ ବଢୁଛି ।

ଶିବରାଜ ସିଂ ଚୌହାନ



ବାରମ୍ବାର ନିର୍ବାଚନକୁ ବିକାଶର ପ୍ରତିବନ୍ଧକ ବୋଲି କହିଥିଲେ। ଶିବରାଜ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଗୌରବମୟ, ସମୃଦ୍ଧ ତଥା ଶକ୍ତିଶାଳୀ ଭାରତ ନିର୍ମାଣ କରାଯାଉଛି। ଖୁବ୍ ଶୀଘ୍ର ଭାରତ ଆମ ଆଖି ଆଗରେ 'ବିଶ୍ୱ ଗୁରୁ' ହେବ, ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ସମଗ୍ର ବିଶ୍ୱ ଏହା ଜାଣନ୍ତି। କିନ୍ତୁ ଭାରତର ପ୍ରଗତି ଏବଂ ବିକାଶରେ ଗୋଟିଏ ବାଧା ଅଛି, ତାହା ହେଉଛି ଦେଶରେ ହେଉଥିବା ବାରମ୍ବାର ନିର୍ବାଚନ।

ଦେଶରେ ଅନ୍ୟ କିଛି ଘଟୁ ନ ଘଟୁ, କିନ୍ତୁ ନିର୍ବାଚନ ପାଇଁ ପ୍ରସ୍ତୁତି ପାଞ୍ଚ ବର୍ଷ ସାରା ଜାରି ରହିଛି। ଯେତେବେଳେ ଲୋକସଭା ନିର୍ବାଚନ ସମାପ୍ତ ହେଉଛି, ବିଧାନସଭା ନିର୍ବାଚନ ଆସୁଛି। ହରିୟାଣା, ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର ଏବଂ ଝାଡଖଣ୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି, ବର୍ତ୍ତମାନ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏକ ଦେଶ, ଏକ ନିର୍ବାଚନ ଯୋଜନାକୁ ଗ୍ରହଣ କରି କେନ୍ଦ୍ର ସରକାର ସେପ୍ଟେମ୍ବରରେ ଲୋକସଭା, ରାଜ୍ୟ ସଭା ଏବଂ ସ୍ଥାନୀୟ ସଂସ୍ଥା ପାଇଁ ଏକକାଳୀନ ନିର୍ବାଚନ କରିବା ପାଇଁ ଉଚ୍ଚ ସ୍ତରୀୟ କମିଟିର ସୁପାରିଶକୁ ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଆରମ୍ଭରୁ କେନ୍ଦ୍ର ସରକାର ଏକ ଦେଶ, ଏକ ନିର୍ବାଚନକୁ ସମର୍ଥନ କରିଆସୁଛନ୍ତି। ତଥାପି, ବିଦ୍ୟମାନ ସିଷ୍ଟମକୁ ପରିବର୍ତ୍ତନ କରିବା ଏକ ଆହ୍ୱାନ ମୂଳକ କାର୍ଯ୍ୟ। ଏଥିପାଇଁ ସହମତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶରେ ଏକ ଦେଶ, ଏକ ନିର୍ବାଚନକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବିଧାନରେ ସଂଶୋଧନ ପାଇଁ ପ୍ରାୟ ୬ଟି ବିଲ୍ ଆଣିବାକୁ ପଡିବ। ସଂସଦରେ ଏସବୁ ପାସ୍ କରିବାକୁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ ହେବ ।

## ଶ୍ରୀଜୀଉଙ୍କ ବନକଲାଗି ନୀତି

**ପୁରୀ, ୧୨।୧୨:** ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥିଲା । ଦ୍ୱିତୀୟ ଭୋଗମଣ୍ଡପ ପରେ ସନ୍ଧ୍ୟା ୬ଟା ୫୦ ରେ ଦତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିଥିଲେ ଏବଂ ଶ୍ରୀଜୀଉଙ୍କ ବନକଲାଗି ନୀତି ସମାପନ କରିଥିଲେ। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର ନୀତିରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ ।

## ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୨।୧୨:** ୧୬ ତାରିଖ ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗତ ତା.୨୮.୧୦.୨୦୨୪ ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ ଏବଂ ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଏହି ଦିନ ପାଇଁ ଅନ୍ୟମାନଙ୍କୁ ପଞ୍ଜୀକରଣ ନ କରିବାକୁ ଅନୁରୋଧ କରାଯାଇଛି ।

## ଜାନୁଆରୀରେ ବିଜେପିର ନୂଆ ସଭାପତି

**ଭୁବନେଶ୍ୱର, ୧୨।୧୨:** ଜାନୁଆରୀ ମାସରେ ରାଜ୍ୟ ବିଜେପି ନୂଆ ସଭାପତି ନିର୍ବାଚନ । ଏନେଇ ସୂଚନା ଦେଲେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର । ଆମର ଗଣତାନ୍ତ୍ରିକ ଦଳ, ଗଣତାନ୍ତ୍ରିକ ଉପାୟରେ ସଭାପତି ନିର୍ବାଚନ ବୋଲି କହିଛନ୍ତି ବିଜୟପାଲ ସିଂ ତୋମାର । ଆମର ସାଙ୍ଗଠନିକ ନିର୍ବାଚନ୍ ଆରମ୍ଭ ହୋଇଛି , ମଣ୍ଡଳ ନିର୍ବାଚନ୍ ବୁଥ ଓ ମଣ୍ଡଳ ନିର୍ବାଚନ୍ ଚାଲିଛି ଏହାପରେ ଜିଲ୍ଲା ସଭାପତି ନିର୍ବାଚନ୍ ପରେ ରାଜ୍ୟ ସଭାପତି ବଛାଯିବ । ଆଗାମୀ ମାସରେ ନୂଆ ରାଜ୍ୟ ସଭାପତି ବଛାଯିବେ । ଆମର ଗଣତାନ୍ତ୍ରିକ ଦଳ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ୍ ହୋଇ ସଭାପତି ବଛାଯିବେ ବୋଲି ରାଜ୍ୟ ପ୍ରଭାରୀ କହିଛନ୍ତି ।

## ଆଜି ସମ୍ବିଧାନ ବିତର୍କ

**ନୂଆଦିଲ୍ଲୀ, ୧୨।୧୨:** ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ କଂଗ୍ରେସ ପାର୍ଟି ଗୁରୁବାର ଦିନ ସମସ୍ତ ଲୋକସଭା ସାଂସଦଙ୍କୁ ଗୃହରେ ଉପସ୍ଥିତ ରହିବାକୁ ତିନି ଧାଡି ହ୍ୱିପ ଜାରି କରିଛି । ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ପାଇଁ ପ୍ରତ୍ୟେକ ଦିନ ଦୁଇ ଦିନ ସ୍ଥିର କରାଯାଇଛି। ୧୩-୧୪ ଡିସେମ୍ବରରେ ଲୋକସଭାରେ ଏବଂ ୧୬-୧୭ ଡିସେମ୍ବରରେ ରାଜ୍ୟସଭାରେ ଆଲୋଚନା ହେବ।

ବିଜେପି ଦ୍ୱାରା ଜାରି ହୋଇଥିବା ତିନି ଧାଡିରେ କୁହାଯାଇଛି, "ଶୁକ୍ରବାର ଏବଂ ଶନିବାର (୧୩ ଏବଂ ୧୪ ଡିସେମ୍ବର ୨୦୨୪) ଉଭୟ ଗୃହରେ କିଛି ଗୁରୁତ୍ୱପୂର୍ଣ୍ଣ ବିଧାନସଭା କାର୍ଯ୍ୟ ଉପରେ ଆଲୋଚନା ହେବ। ଉଭୟ ସାଂସଦଙ୍କୁ ଉଭୟ ଦିନ ଗୃହରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । " ଅନ୍ୟପକ୍ଷରେ କଂଗ୍ରେସ ପାର୍ଟି ମଧ୍ୟ ଏହାର ଲୋକସଭା ସଦସ୍ୟମାନଙ୍କୁ ୧୩ ଓ

### ନିଜ ସାଂସଦଙ୍କୁ ବିଜେପି ଓ କଂଗ୍ରେସର ହ୍ୱିପ ଜାରି

୧୪ ଡିସେମ୍ବରରେ ଗୃହରେ ଉପସ୍ଥିତ ରହିବାକୁ ଏକ ତିନି ଧାଡ଼ି ହ୍ୱିପ ଜାରି କରିଛି ।

ସୂଚନାଯୋଗ୍ୟ ଯେ ଶୀତକାଳୀନ ସଂସଦର ପ୍ରଥମ ଅଧିବେଶନ ନଭେମ୍ବର ୨୫ ରୁ ଆରମ୍ଭ ହୋଇଥିଲା ଯେଉଁଥିରେ ବ୍ୟାଘାତ ହେତୁ ଉଭୟ ଗୃହ ବହୁ ପୂର୍ବରୁ ସ୍ଥଗିତ ରହିଥିଲା। ଡିସେମ୍ବର ୨୦ ପର୍ଯ୍ୟନ୍ତ ଶୀତ ଅଧିବେଶନ ଚାଲିବ ।

### ୪ କୋଟି ଟଙ୍କାର ଭାଟ୍ ଚଳୁ

## ୨ ବ୍ୟବସାୟୀ ଓ ଜିଏସ୍‌ଟି ଅଧିକାରୀ ବନ୍ଧାହେଲେ

**ଭୁବନେଶ୍ୱର, ୧୨।୧୨:** କ୍ଷମତାର ଦୁରୁପଯୋଗ କରି ୨ ଜଣ ବ୍ୟବସାୟୀଙ୍କ ସହ ମିଶି ୪.୦୩କୋଟି ଟଙ୍କା ଭାଟ୍ ହେରଫେର କରିବା ମହଙ୍ଗା ପଡ଼ିଛି । ଜୟପୁରସ୍ଥିତ ଆସିଷ୍ଟାଣ୍ଟ କର୍ମସିଆଲ ଅଫିସର (ସହାୟକ ବାଣିଜ୍ୟକର ଅଧିକାରୀ) ଅବିନାଶ ପ୍ରଧାନ ଓ ଅନ୍ୟ ୨ଜଣ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀଙ୍କୁ ବ୍ୟବସାୟୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି ।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସିଟିଆଣ୍ଡଜିଏସଟି ଅଫିସର ନିଜ କ୍ଷମତାର ଦୁରୁପଯୋଗ କରି ସରକାରୀ ଅର୍ଥ ତୋଷାରପାତ କରିଥିବାର ଅଭିଯୋଗ ହୋଇଥିଲା । ଯାହାର ତଦନ୍ତ କରି ଭିଜିଲାନ୍ସ

- ଭିଜିଲାନ୍ସର ତନାଘନା ଜାରି
- ଗିରଫଦାରୀ ସଂଖ୍ୟା ବଢ଼ିପାରେ

ଜାଣିବାକୁ ପାଇଛି ଯେ, ସିଟି ଆଣ୍ଡ ଜିଏସଟି ଅଫିସରଙ୍କ ସହ ମିଶି ଦୁଇ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀ ୪କୋଟି ୩ଲକ୍ଷ ୯ହଜାର ୭୨୩ଟଙ୍କା ଚଳୁ କରିଦେଇଛନ୍ତି । ତା'ପୁଣି ଜାଲି ଦସ୍ତାବିଜ ଦାଖଲ କରି । ୨୦୧୧ ଜୁନ ୧ରୁ ୩୦ ତାରିଖ ଓ ୨୦୧୨ ମାର୍ଚ୍ଚ ୧ରୁ ୩୧ତାରିଖ ମଧ୍ୟରେ



ଆରେଭା ଟିଆଣ୍ଡଡି କମ୍ପାନୀର ମାଲିକ ବ୍ୟବସାୟୀ ଦୀପ୍ତିକାନ୍ତ ଚୌଧୁରୀ ୧କୋଟି ୨୩ଲକ୍ଷ ଟଙ୍କା ଏବଂ ଅନ୍ୟଜଣେ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ(ଅଲଷ୍ଟମ ଟିଆଣ୍ଡଡି କମ୍ପାନୀ ମାଲିକ) ୨୦୧୧ ଏପ୍ରିଲରୁ ୨୦୧୩ ମାର୍ଚ୍ଚ ୩୧ତାରିଖ ମଧ୍ୟରେ ୨କୋଟି ୮୦ଲକ୍ଷ ୯ହଜାର ୭୧୭ଟଙ୍କାର ଭ୍ୟାଟ୍ ସଂକ୍ରାନ୍ତ ଜାଲ ଦସ୍ତାବିଜ ମେସର୍ସ ଜିଇଆଣ୍ଡଟିଡି ଇଣ୍ଡିଆ ଲିଃ(ଏବେ ମେସର୍ସ ଜିଇ ଭେରୋନା) ପକ୍ଷରୁ ଦାଖଲ କରିଥିଲେ ।

ଭିଜିଲାନ୍ସ ଏନେଇ ଗତ ଦୁଇଦିନ ତଳେ ଡିସେମ୍ବର ୧୦ତାରିଖରେ ଏକ ମାମଲା ରୁଜୁ କରି ଏହି ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଅବିନାଶଙ୍କ ସମେତ ସାତ୍ୟକୀ ଓ ଦୀପ୍ତିକାନ୍ତଙ୍କୁ ଗିରଫ କରିଥିବାବେଳେ ଏହି ମାମଲାରେ ଅନ୍ୟ କେଉଁ ବ୍ୟକ୍ତିମାନେ ସମ୍ପୃକ୍ତ ଅଛନ୍ତି ତା'ର ଖୋଳତାଡ଼ କରୁଛି । ଏହି ୩ଜଣଙ୍କୁ ଗିରଫ କରିଆଜି ଭୁବନେଶ୍ୱରସ୍ଥିତ ସତନ୍ତ୍ର ଭିଜିଲାନ୍ସ କୋର୍ଟଚାଲାଣ କରାଯାଇଥିଲା ।

ଅବିନାଶ ଏବେ ଜୟପୁରରେ ସହାୟକ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ।

## ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨ ।୧୨:** ନୂଆ ସରକାର ଗଠନର ଛଅ ମାସ ପୂରଣ ହେଉଛି। ଏହି ଅବସରରେ ସାଧାରଣ ଲୋକଙ୍କ ସରକାର, ଚାଷୀଭାଇଙ୍କ ସରକାର ଆଜି ରାଜ୍ୟର ଏକ ପ୍ରମୁଖ କାର୍ଯ୍ୟକ୍ରମ- ୮୦୦ ଟଙ୍କା ଇନ୍‌ପୁଟ୍

- ୧୭ ଲକ୍ଷରୁ ଅଧିକ ଚାଷୀ ହେବେ ଲାଭବାନ
- ଦଲାଲଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ସହାୟତାରେ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଗୁରୁବାର ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏହି ଛଅ ମାସ ମଧ୍ୟରେ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ସହିତ ଆହୁରି ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ପିଏମ୍ କିଷାନ ଓ ସିଏମ୍



କିଷାନ ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଏଣୁ, ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ ଡିସେମ୍ବର ୧୧ ତାରିଖ ସୁଦ୍ଧା ବରଗଡ, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ଏହି ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଂଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ କରାଯିବ। ସମୀକ୍ଷାରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିବା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା।

**ବିଜେପି ସରକାରକୁ ୬ ମାସ**

ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସୋସାଇଟି ସ୍ତରୀୟ ଧାନ କିଣା କମିଟି ଗୁଡିକୁ ଆହୁରି ସକ୍ରୀୟ କରିବା ପାଇଁ ସେ କହିଥିଲେ। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। କଳାହାଣ୍ଡି ଜିଲ୍ଲାରେ ଚାଷୀ ମାନଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଂଟିନ୍, ପାନୀୟ ଜଳ ଓ ଟଏଲେଟ୍‌ର ବ୍ୟବସ୍ଥା କରିଛନ୍ତି। ଅନ୍ୟ ଜିଲ୍ଲାମାନେ ମଧ୍ୟ ସେହିପରି ବ୍ୟବସ୍ଥାକୁ ନିଜ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ସେ କହିଥିଲେ। ଆହୁରି ମଧ୍ୟ ବରଗଡରେ ମଣ୍ଡିରେ ଧାନ ସଂଗ୍ରହର ସୁନ୍ଦର ମନିଟରିଂ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍‌କୁ ଧାନକିଣାର ଲାଇଭ ଫିଡ୍ ମଧ୍ୟ ଆସୁଛି। ଏପରି ବ୍ୟବସ୍ଥାକୁ ଅନ୍ୟ ସମସ୍ତ ଜିଲ୍ଲା ଭଲ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ଏନ୍‌କାଉଣ୍ଟରରେ ୭ ନକ୍ସଲ ସଫା

**ନାରାୟଣପୁର, ୧୨।୧୨:** ଛତିଶଗଡ଼ରେ ବଡ଼ ଏନ୍‌କାଉଣ୍ଟର। ପୁଲିସକୁ ମିଳିଲା ବଡ଼ ସଫଳତା। ନକ୍ସଲ ପ୍ରଭାବିତ ଅଞ୍ଚଳ ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୭ ଜଣ ନକ୍ସଲ ନିହତ ହୋଇଛନ୍ତି।

ଗୁରୁବାର ସକାଳୁ ମାଲକାନଗିରି ଜିଲ୍ଲାର ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ଏଥିରେ ସୁରକ୍ଷାବାହିନୀ ଗୁଳିରେ ୭ ଜଣ ନକ୍ସଲ ନିହତ ହୋଇଥିବା ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଚଳିତ ମାସ ୧୦ ତାରିଖରୁ ନାରାୟଣପୁର, ଦନ୍ତେୱାଡା, ଜଗଦଲପୁର ଏବଂ କୋଣ୍ଡାଗାଁବ ଜିଲ୍ଲାରୁ ଜିଲ୍ଲା ରିଜର୍ଭ ଫୋର୍ସ 'DRG', STF (ସ୍ପେଶାଲ୍ ଟାସ୍କ ଫୋର୍ସ) ଏବଂ CRPF (ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ୍ ଫୋର୍ସ) ର ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଛି। ଏମାନଙ୍କୁ ଦକ୍ଷିଣ ଅବୁଝମାଡ଼ ଅଞ୍ଚଳ ଭିତରକୁ ପଠାଯାଇଥିଲା।

ଏଠାରେ ନକ୍ସଲମାନେ ଲୁଚି ରହିଥିବା ସୂଚନା ମିଳିଥିଲା। ଆଜି ଭୋର ୩ଟା ବେଳେ ସୁରକ୍ଷାବାହିନୀ



ଗୁରୁବାର ସକାଳୁ ମାଲକାନଗିରି ଜିଲ୍ଲାର ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ଏଥିରେ ସୁରକ୍ଷାବାହିନୀ ଗୁଳିରେ ୭ ଜଣ ନକ୍ସଲ ନିହତ ହୋଇଥିବା ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି।

ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଚଳାଇଥିବା ବେଳେ ନକ୍ସଲମାନେ ତାଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହା ପରେ ସୁରକ୍ଷା ବାହିନୀ ମଧ୍ୟ ଏହାର ମୁହଁତୋଡ ଜବାବ ଦେଇଥିଲେ।

ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏବେବି ଗୁଳି ବିନିମୟ ଜାରି ରହିଛି। ସେ କହିଛନ୍ତି ଯେ ସୁରକ୍ଷା ବାହିନୀ ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୭ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

| | |
|---|---|
| ସେନ୍‌ସେକ୍ସ | ୮୧,୨୮୯ |
| ନିଫ୍ଟି | ୨୪,୫୪୮ |
| ସୁନା/୧୦ଗ୍ରା | ୮୦,୩୯୦ |
| ରୂପା/କିଗ୍ରା | ୯୬,୫୦୦ |
| ଡଲାର | ୮୪.୮୭ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୭.୮° |
| କଟକ: | ୨୬.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୫.୦° |
| କଟକ: | ୧୫.୫° |

### ହାଲ୍‌ଚାଲ୍



ଶ୍ରୀମନ୍ଦିରରେ ଅବଢ଼ା ଦର ଅମୂଲ ମୂଲ ହୋଇଲା ଦୁଇଶହ ଟଙ୍କାରେ ପେଟ ପୁରୁନାହିଁ ଅସନ୍ତୋଷ ଜୋରରେ ତେଜିଲା ଓମ୍‌ଫେଡ୍ ଘିଅରେ ରୋଷେଇ ଯୋଗୁଁ ଦର ଜୋର୍‌ରେ ବଢ଼ିଲା ।

## ଶ୍ରୀମନ୍ଦିରରେ ଅବଢ଼ା ଦର ଅମୂଲ ମୂଲ

**ପୁରୀ, ୧୨।୧୨:** ଶ୍ରୀମନ୍ଦିରରେ ଓମଫେଡ୍ ଘିଅ ପ୍ରବେଶ ପରଠୁ ଅମୂଲ ମୂଲ ଅବଢ଼ା। ମହାପ୍ରସାଦ, ଖଜାଠୁ ନେଇ ପିଠା, ସବୁର ଦାମ ପ୍ରାୟ ଦୁଇଗୁଣା ବଢ଼ିଯାଇଛି। ଯାହାକୁ ନେଇ ଅସନ୍ତୁଷ୍ଟ ଉଭୟ ଭକ୍ତ ଓ ସେବାୟତ। ସବ୍‌ସିଡି ଦରରେ ଶ୍ରୀମନ୍ଦିରକୁ ଓମ୍‌ଫେଡ ଘିଅ ଯୋଗାଣ ନେଇ ଦାବି ଉଠୁଥିଲା ବେଳେ ବିକଳ୍ପ ଭାବେ ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଗୋଶାଳା କଥା ମଧ୍ୟ ଉଠିଲାଣି।

ପୂର୍ବରୁ ଯେଉଁ କୁଡୁଆ ୧୦୦ ଟଙ୍କାରେ ମିଳୁଥିଲା, ତାହା ଏବେ ୨୦୦ ଟଙ୍କା, ୫୦ ଟଙ୍କାରେ ମିଳୁଥିବା ଡାଲମା କୁଡୁଆ ୧୦୦ରୁ ୧୨୦ ଟଙ୍କା ପଡ଼ିଲାଣି। ଏହାର ଅର୍ଥ ପ୍ରସାଦ ଦର ଡବଲରୁ ଅଧିକ ହେଲାଣି। ବଡ଼

### ୨୦୦ ଟଙ୍କାରେ ବି ଜଣଙ୍କର ପେଟ ପୂରୁନାହିଁ

### ଖୁବଶୀଘ୍ର ହେବ ଦର ନିୟନ୍ତ୍ରଣ: ଆଇନ ମନ୍ତ୍ରୀ

ବଡ଼ିଆଙ୍କ କଥା ଅଲଗା, ସାଧାରଣ ପରିବାରରୁ ୮-୧୦ ଜଣିଆ ସଦସ୍ୟ ଯଦି ଭଲରେ ଟିକେ ଅବଢ଼ା ଖାଇବାକୁ ଇଚ୍ଛା କରନ୍ତି, ଏଥିପାଇଁ ପ୍ରାୟ ଅଢ଼େଇ ହଜାରରୁ ୩ ହଜାର ଟଙ୍କା ପଡିଯାଉଛି।



ମହାପ୍ରସାଦ ପରି ଶୁଖିଲି ଭୋଗ ଦର ମଧ୍ୟ ଆକାଶ ଛୁଆଁ ହେଲାଣି। ୫ ଟଙ୍କାର ଖଜା ୧୫ ଟଙ୍କା, ୧୫ ଟଙ୍କାର ପିଠା ୩୦ ଟଙ୍କା ଡେଇଁ ଗଲାଣି।

ଓମଫେଡ୍ ଘିଅରେ ପ୍ରସ୍ତୁତ ହେବା ପରଠୁ ମହାପ୍ରସାଦ, ପିଠା ଓ ଖଜା ଦରରେ ଆଉ ଯେମିତି ହାତ ମାରି ହେଉନି। କାରଣ ମହାସୁଆର ନିଯୋଗର କହିବା କଥା, ପୂର୍ବରୁ ଯେଉଁ ଘିଅରେ ମହାପ୍ରସାଦ ପ୍ରସ୍ତୁତ ହେଉଥିଲା ତା'ର ଦାମ କିଲୋ ପିଛା ଦେଢ଼ଶହ ଟଙ୍କା ଥିଲା। ଏବେ ଓମଫେଡ୍ ଘିଅ କିଲୋ ପିଛା ୬ ଶହରୁ ଅଧିକ ଟଙ୍କାରେ କିଣିବାକୁ ପଡୁଛି। ସେଇଥିପାଇଁ ଏମିତି ସ୍ଥିତି ସୃଷ୍ଟି ହୋଇଛି। ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ଦରରେ ଓମଫେଡ୍ ଘିଅ ଯୋଗାଣ ପାଇଁ ପରିଚାଳନା ନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଛନ୍ତି। ହେଲେ ଏପର୍ଯ୍ୟନ୍ତ ରିହାତି ଦରରେ ଘିଅ ମିଳିନାହିଁ। ଏହାବାଦ ଦର ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଶାଳା କରାଯାଇ ଦୁଗ୍ଧ, ଘିଅ ଓ ଦହି ପ୍ରସ୍ତୁତ କରାଯିବା ଏକ ଭଲ ବିକଳ୍ପ ହୁଅନ୍ତା ବୋଲି ମତ ରଖିଛନ୍ତି ମହାସୁଆର ନିଯୋଗ ସଂପାଦକ। ସେପଟେ ବରିଷ୍ଠ ସେବାୟତମାନେ ମଧ୍ୟ ବର୍ତ୍ତମାନର ଦରବୃଦ୍ଧିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବାସହୀନଙ୍କୁ ଜମି: ଏଣିକି ବିକ୍ରି-ଖର୍ଦ୍ଦି ମନା

**ଭୁବନେଶ୍ୱର, ୧୨।୧୨:** ଏଣିକି ରାଜ୍ୟରେ ବାସହୀନଙ୍କୁ ସରକାର ଦେଉଥିବା ଜମି ବିକ୍ରି-ଖର୍ଦ୍ଦ ହୋଇପାରିବ ନାହିଁ । କେବଳ ଉତ୍ତରାଧିକାରୀ ସୂତ୍ରରେ ଉପଯୋଗ କରିହେବ । ପୂର୍ବରୁ ବାସହୀନଙ୍କୁ ସର୍ବାଧିକ ୧୦ଡିସିମିଲ୍ ଜମି ଦେବାର ବ୍ୟବସ୍ଥା ଥିବାବେଳେ ଏଣିକି ସର୍ବାଧିକ ୪ ଡିସିମିଲ ଜମି ମିଳିବ । ଯଦି କୌଣସି ପରିବାର ଏକାଠି ଖାଇବା-ରହିବା କରୁଥିବେ କିନ୍ତୁ ତାଙ୍କର ବାସଜମିର ପରିମାଣ ୪ଡିସିମିଲରୁ କମ୍ ଥିବ ଓ ତାହା ଚଳିବା ପାଇଁ ଯଥେଷ୍ଟ ହେଉନଥିବ ତା'ହେଲେ ସମ୍ପୃକ୍ତ ପରିବାର ଅବଶିଷ୍ଟ ଜମି(ସର୍ବାଧିକ ୪ଡିସିମିଲ ପର୍ଯ୍ୟନ୍ତ) ପାଇବାକୁ ମଧ୍ୟ ଯୋଗ୍ୟ ହେବେ । ଏଭଳି କିଛି ନୂଆ ପ୍ରାବଧାନ ଆଣି ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ରେ ସଂଶୋଧନ କରିଛନ୍ତି ରାଜ୍ୟ ସରକାର । ଏହି ଚିଠା ସଂଶୋଧନ ବିଜ୍ଞପ୍ତିକୁ ଗତକାଲି ଅର୍ଥାତ ଡିସେମ୍ବର ୧୨ତାରିଖରେ ଜାରି କରି ବିଭାଗ ସାଧାରଣ ଲୋକଙ୍କଠୁ ଆପତ୍ତି-ପରାମର୍ଶ ଲୋଡ଼ିଛି । ବିଜ୍ଞପ୍ତି ପ୍ରକାଶର ୩୦ଦିନ ପର୍ଯ୍ୟନ୍ତ ଏହି ଚିଠା ଆଇନ ସଂଶୋଧନକୁ ନେଇ ଆପତ୍ତି-ପରାମର୍ଶ ଦେଇହେବ ଓ ତା'ଉପରେ ରାଜ୍ୟ ସରକାର ବିଚାର ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

**ବିଜ୍ଞପ୍ତି ଜାରି**

CMYK

# ହାଲୋ ବଲିଉଡ୍



## ବାଗୀ ସିରିଜ୍‌ରେ ନୂଆ ଏଣ୍ଟ୍ରି

ସାଜିଦ୍ ନାଡିଆଡ୍‌ୱାଲାଙ୍କ ଅପ୍‌କମିଂ ଆକ୍ସନ୍ ଫିଲ୍ମ 'ବାଗୀ-୪'କୁ ନେଇ ଚର୍ଚ୍ଚା ଜାରି ରହିଛି । 'ବାଗୀ' ସିରିଜ୍‌ର ପୂର୍ବ ୩ଟି ଫିଲ୍ମ ଭଳି ଏଥିରେ ବି ଟାଇଗର ଶ୍ରଫ୍ ହିରୋ ଭୂମିକାରେ ନଜର ଆସିବେ । ସଂଜୟ ଦତ୍ତଙ୍କୁ ମୁଖ୍ୟ ଭିଲେନ୍ ଭାବେ ଦେଖିବାକୁ ମିଳିବ । ତେବେ ଫିଲ୍ମର ହିରୋଇନ୍ କିଏ ହେବେ ତାର ଖୁଲାସା ହୋଇନଥିଲା । ମଙ୍ଗଳବାର ଫିଲ୍ମର ନିର୍ମାତାମାନେ ଆନୁଷ୍ଠାନିକ ଭାବେ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ଫିମେଲ୍ ଲିଡ୍‌ଙ୍କ ସଂପର୍କରେ ଘୋଷଣା କରିଛନ୍ତି । ସେ ଅନୁସାରେ, ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ସୋନମ୍ ବାଜୱା ଟାଇଗରଙ୍କ ବିପକ୍ଷରେ ସ୍କ୍ରିନ୍ ସେୟାର କରିବେ । ସୋନମ୍‌ଙ୍କୁ ମଧ୍ୟ ସେଥିରେ କିଛିଟା ଆକ୍ସନ୍ ଦୃଶ୍ୟରେ ଦେଖିବାକୁ ମିଳିପାରେ । କିଛି ଦିନ ପୂର୍ବରୁ 'ବାଗୀ-୪'ରେ ଟାଇଗର ଶ୍ରଫ୍ ଓ ସଞ୍ଜୟ ଦତ୍ତଙ୍କ ଫାଷ୍ଟ ଲୁକ୍ ପୋଷ୍ଟର ସାମ୍ନାକୁ ଆସିଥିଲା । ଖୁବ୍ ଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ ହେବାର ଅଛି । 'ବାଗୀ-୪'କୁ କନ୍ନଡ଼ ଭାଷାର ପ୍ରସିଦ୍ଧ ନିର୍ଦ୍ଦେଶକ-କୋରିଓଗ୍ରାଫର ଏ.ହର୍ଷ ନିର୍ଦ୍ଦେଶନା ଦେବେ । ଆସନ୍ତାବର୍ଷ ସେପଟ୍ଟେମ୍ବର ୫ ତାରିଖରେ ଫିଲ୍ମଟି ରିଲିଜ୍ ହେବ । 'ବାଗୀ-୪' ବ୍ୟତୀତ ସାଜିଦ୍ ନାଡିଆଡ୍‌ୱାଲାଙ୍କ ସହିତ ସୋନମ୍ 'ହାଉସ୍‌ଫୁଲ୍-୫'ରେ ମଧ୍ୟ କାମ କରୁଛନ୍ତି । ସେହି ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବେ ।

### ଜୀବନ ଯୁଦ୍ଧରେ ହାରିଗଲା ଆର୍ଯ୍ୟନ୍

# ବୋରୱେଲରୁ ଉଦ୍ଧାର ପରେ ବି ବଞ୍ଚିଲାନି ଜୀବନ

**ଦୌସା:** ଜୀବନ ଯୁଦ୍ଧରେ ହାରିଗଲା ଆର୍ଯ୍ୟନ୍ । ୫୭ ଘଣ୍ଟାର ଯୁଦ୍ଧକାଳିନ ଅପରେସନ୍ ପରେ ବି ବଞ୍ଚାଇ ହେଲାନି ୫ ବର୍ଷର ଏହି ନାବାଳକକୁ । ରାଜସ୍ଥାନ ଦୌସା ସ୍ଥିତ କାଲିଘଟ ଗାଁରେ ଘଟିଛି ଏଭଳି କିଛି ଘଟଣା ।

୫ ବର୍ଷୀୟ ଆର୍ଯ୍ୟନ୍ ଖେଳୁ ଖେଳୁ ୧୪୭ ଫୁଟ୍‌ର ପରିତ୍ୟକ୍ତ ବୋରୱେଲ ଗାତରେ ଖସି ପଡିଥିଲା । ତେବେ ଗତ ସୋମବାରଠୁ ତାକୁ ବଞ୍ଚାଇବା ପାଇଁ ଅପରେସନ୍ ଚାଲିଥିଲା । ଜେସିବି ସାଙ୍ଗକୁ ମେସିନ ଲଗାଇ ଯୁଦ୍ଧକାଳୀନ ଭିତ୍ତିରେ



ଜାରି ରହିଥିଲା ଉଦ୍ଧାର କାର୍ଯ୍ୟ । ତଥାପି ସଫଳତା ମିଳିପାରି ନାହିଁ ।

ତାକୁ ଉଦ୍ଧାର କରିବାକୁ ଏନ୍‌ଡିଆର୍‌ଏଫ୍ ସମେତ ଅନ୍ୟ ରେସ୍କ୍ୟୁ ଟିମ୍ ଦିନ ରାତି ଏକ କରିଦେଇଥିଲେ । ଶେଷରେ ତାକୁ ବୋରୱେଲ ଗତ ଭିତରୁ ଉଦ୍ଧାର କରାଯାଇଥିଲା । ସେ ଅଚେତ ଥିବାରୁ ତାକୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ଆର୍ଯ୍ୟନକୁ ମୃତ ଘୋଷଣା କରିଥିଲେ । ଅତ୍ୟଧିକ ଗରମ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ସେ ଆଖିବୁଜିଥିବା କୁହାଯାଉଛି ।

### ଦର୍ଶନ ଦେଲେନି ମା' କାଳୀ

# ନିଜ ଗଳା କାଟି ପୂଜକଙ୍କ ମୃତ୍ୟୁ

ଉତ୍ତରପ୍ରଦେଶର ବାରଣାସୀରୁ ଏକ ଲୋମହର୍ଷକ ମାମଲା ସାମ୍ନାକୁ ଆସିଛି । ଏଠାରେ ଜଣେ ୪୦ ବର୍ଷ ବୟସ୍କ ପୂଜକ ମା' କାଳୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ନିଜକୁ ବଳି ଚଢ଼େଇ ଦେଇଛନ୍ତି । ୨୪ ଘଣ୍ଟା ନିରନ୍ତର ପୂଜା ସତ୍ତ୍ୱେ ମା' କାଳୀ ଦର୍ଶନ ନଦେବାରୁ ସେ ନିରାଶ ହୋଇ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଗଳା କାଟି ଦେଇଛନ୍ତି । ଫଳରେ ପୂଜକଙ୍କର ମୃତ୍ୟୁ ଘଟିଛି ।



ଖବର ଅନୁଯାୟୀ ବାରଣାସୀ ସହରର ଗାଇ ଘାଟ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିବା ପୂଜକ ଅମିତ ଶର୍ମା (୪୦) ଘରେ ଦେବୀଙ୍କ ଆରାଧନା କରୁଥିବା ସମୟରେ ଏକ ଛୁରୀ ସାହାଯ୍ୟରେ ନିଜ ଗଳା କାଟିଦେଇଛନ୍ତି । ନିଜ ବେକ କାଟିବା ପୂର୍ବରୁ ସେ ଦେବୀ କାଳୀଙ୍କୁ ଡାକିଥିଲେ । ମା' କାଳୀ ଦର୍ଶନ ଦିଅ ବୋଲି କହି କହି ସେ ଚିତ୍କାର କରୁଥିବା ଶୁଣିଛନ୍ତି ରୋଷେଇ ଘରେ ଥିବା ତାଙ୍କ ପତ୍ନୀ ଜୁଲି । ପୂଜକ ଅମିତଙ୍କ ଚିତ୍କାର ଶୁଣି ତାଙ୍କ ପତ୍ନୀଙ୍କ ସମେତ ସାହି ପଡ଼ିଶା ଲୋକ ମଧ୍ୟ ସେଠାକୁ ଧାଇଁ ଆସିଥିଲେ । ସମସ୍ତେ ପହଞ୍ଚିବାବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ନିଜ ଗଳା କାଟି ସେଠାରେ ପଡ଼ିଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଘଟଣାକୁ ନେଇ ସ୍ଥାନୀୟ ସହକାରୀ ପୋଲିସ କମିଶନର ଈଶାନ ସୋନୀ କହିଛନ୍ତି ଯେ, ଦେବୀ କାଳୀ ତାଙ୍କୁ ଦର୍ଶନ ଦେବେ ବୋଲି ପୂଜକ ଜଣକ ଜିଦ୍ ଧରିଥିଲେ । ଯେତେବେଳେ ତାହା ଘଟିଲା ନାହିଁ, ସେ ବିବ୍ରତ ହୋଇ ତାଙ୍କ ଗଳା କାଟିଦେଲେ । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାର ଟ୍ରମା ସେଣ୍ଟରକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଭଡ଼ାରେ ରହୁଥିବା ଘରର ମାଲିକଙ୍କ କହିବା ଅନୁଯାୟୀ ପୂଜାରୀ ଅମିତ ଶର୍ମା ପ୍ରାୟ ୭ ବର୍ଷ ହେବ ସେଠାରେ ରହୁଥିଲେ । ସେ କାଶୀ ବିଶ୍ୱନାଥ ମନ୍ଦିରରେ ଯାଇ ପୂଜାର୍ଚ୍ଚନା କରିବା ସହ ଘରେ ମଧ୍ୟ ପୂଜାପାଠ କରନ୍ତି ।

## ସୁନା ଗହଣା ଚୋରି ନେଇ ଅଭିଯୋଗ

**ଜୟପୁର:** ଜୟପୁର ସହର ଖ୍ରୀଷ୍ଟିଆନପେଟାରେ ସୁନା ଗହଣା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୁଚନା ଅନୁଯାଇ ଜୟପୁର ସହର ଖ୍ରୀଷ୍ଟିଆନ ରେ ରହୁଥିବା ସ୍ୱର୍ଣ୍ଣଲତା ଭତ୍ରା ରହୁଥିବା ବେଳେ ଗତକାଲି ବିଳମ୍ବିତ ରାତ୍ର ରେ ଦୁବୃତ୍ତ ମାନେ ଘରେ ପଶି ଚୋରି କରି ଥିବା ଜଣାଯାଇଛି । ଉପର ଘରେ ସବୁ ରହୁଥିବା ବେଳେ ତଳେ ଘରେ ପଶି ବୃବୃତ୍ତ ମାନେ ସୁନା ,ରୁପା ଗହଣା ଚୋରି କରିଥିବା ନେଇ ଆଜି ସ୍ୱର୍ଣ୍ଣ ଲତା ଭତ୍ରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥବା ବିଷୟ ଆଜି ସଂନ୍ଧ୍ୟା ୫ଟା ୩୦ ମିନିଟ ସମୟରେ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

# ଶପଥ ଗ୍ରହଣ ପରେ ବିଭାଗ ବଣ୍ଟନରେ ସସପେନ୍ସ

*ମହାରାଷ୍ଟ୍ରରେ ବିଜେପି ଭେଟେରାନ ଦେବେନ୍ଦ୍ର ଫଡନାବିସଙ୍କ ସରକାରରେ ମନ୍ତ୍ରୀମଣ୍ଡଳ ଓ ବିଭାଗ ବଣ୍ଟନ ପାଇଁ ପୁଣି ଆରମ୍ଭ ହୋଇଛି ଟଣାଓଟରା । କୁହାଯାଉଛି ଯେ ମହାରାଷ୍ଟ୍ର ସରକାରଙ୍କ କ୍ୟାବିନେଟ୍ ଗଠନ ଓ ବିଭାଗ ବଣ୍ଟନ ବିଜେପି ଏବଂ ଦେବେନ୍ଦ୍ର ଫଡନାବିସଙ୍କ ପାଇଁ ପୁଣି ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । କାରଣ ଶାସକ ମେଣ୍ଟର ଦୁଇ ସହଯୋଗୀ ଅଜିତ ପାୱାରଙ୍କ ଏନସିପି ଓ ଏକନାଥ ସିନ୍ଦେଙ୍କ ଶିବସେନା ଉଭୟ ବଡ଼ ବଡ଼ ବିଭାଗ ଦାବି କରିଛନ୍ତି ।*



**ମୁମ୍ବାଇ:** ପ୍ରାୟ ଦୁଇ ସପ୍ତାହ ଧରି ବିଭିନ୍ନ କଳ୍ପନାଜଳ୍ପନା ଓ ଟଣାଓଟରା ପରେ ଗତ ସପ୍ତାହରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବରେ ଏକନାଥ ସିନ୍ଦେ ଶପଥ ଗ୍ରହଣ କରିଥିଲେ । ଏହାପରେ କୁହାଯାଉଥିଲା ଯେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟରେ ସବୁକିଛି ଠିକ ହୋଇଗଲା । ହେଲେ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସହଯୋଗୀ ଦଳ ଗୁଡ଼ିକ ଏବେ ବି ମହାରାଷ୍ଟ୍ରରେ ଏନଡିଏ ସରକାର ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି । ଯେଉଁଥିପାଇଁ ମନ୍ତ୍ରୀମଣ୍ଡଳ ବିଭାଗ ବଣ୍ଟନ ପାଇଁ ସହଯୋଗୀଙ୍କ ବିନା ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ପାରନ୍ତି ଦେବେନ୍ଦ୍ର ଫଡନାବିସ ।

ମିଳିଥିବା ଖବର ଅନୁସାରେ ମହାରାଷ୍ଟ୍ରରେ ବିଜେପି ଭେଟେରାନ ଦେବେନ୍ଦ୍ର ଫଡନାବିସଙ୍କ ସରକାରରେ ମନ୍ତ୍ରୀମଣ୍ଡଳ ଓ ବିଭାଗ ବଣ୍ଟନ ପାଇଁ ପୁଣି ଆରମ୍ଭ ହୋଇଛି ଟଣାଓଟରା । କୁହାଯାଉଛି ଯେ ମହାରାଷ୍ଟ୍ର ସରକାରଙ୍କ କ୍ୟାବିନେଟ୍ ଗଠନ ଓ ବିଭାଗ ବଣ୍ଟନ ବିଜେପି ଏବଂ ଦେବେନ୍ଦ୍ର ଫଡନାବିସଙ୍କ ପାଇଁ ପୁଣି ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । କାରଣ ଶାସକ ମେଣ୍ଟର ଦୁଇ ସହଯୋଗୀ ଅଜିତ ପାୱାରଙ୍କ ଏନସିପି ଓ ଏକନାଥ ସିନ୍ଦେଙ୍କ ଶିବସେନା ଉଭୟ ବଡ଼ ବଡ଼ ବିଭାଗ ଦାବି କରିଛନ୍ତି ।

ପୂର୍ବ ସରକାରରେ ଯେତେବେଳେ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ଉପ-ମୁଖ୍ୟମନ୍ତ୍ରୀ ଥିବା ଦେବେନ୍ଦ୍ର ଫଡନାବିସଙ୍କ ପାଖରେ ହାଇ-ପ୍ରୋଫାଇଲ୍ ଗୃହ ମନ୍ତ୍ରାଳୟ ରହିଥିଲା । ହେଲେ ଏଥର ଯେତେବେଳେ ଫଡନାବିସ ମୁଖ୍ୟମନ୍ତ୍ରୀ ଆସନକୁ ଯାଇଛନ୍ତି, ସିନ୍ଦେ ଗୋଷ୍ଠୀ ଏଥର ଗୃହ ମନ୍ତ୍ରାଳୟ ଦାବି କରୁଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିବାରୁ ଏହି ବିଭାଗ ଉପଯୁକ୍ତ ପୁରସ୍କାର ହେବ ବୋଲି ଦଳ ଦାବି କରୁଥିବା କୁହାଯାଉଛି । ହେଲେ ବିଜେପି କୌଣସି ପରିସ୍ଥିତିରେ ଗୃହ ମନ୍ତ୍ରାଳୟ ଭଳି ବିଭାଗ ସହଯୋଗୀ ଦଳ ହାତକୁ ଦେବାର ସମ୍ଭାବନା କ୍ଷୀଣ । ହେଲେ ଶିବସେନାକୁ ସହରୀ ବିକାଶ, ପିଡବ୍ଲୁଡି ଏବଂ ରାଜସ୍ୱ ବିଭାଗ ପ୍ରଦାନ କରାଯାଇପାରେ । ଏହା ମଧ୍ୟ କୁହାଯାଉଛି ଯେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି ମଧ୍ୟ ସରକାରରୁ ସମାନ ଭାଗିଦାରୀ ଚାହୁଁଛି । ଯଦିଓ ଦଳ କମ୍ ସିଟ୍ ଜିତିଛି, କିନ୍ତୁ ଦଳ ଏଥର ଶରଦ ପାୱାରଙ୍କଠାରୁ ନିଜକୁ ଅଧିକ ଶକ୍ତିଶାଳୀ ବୋଲି ପ୍ରମାଣିତ କରିପାରିଛି । ବିଶେଷ ଭାବରେ, ଏନସିପି ଚାହୁଁଛି ଯେ ପୂର୍ବ ସରକାରରେ ସେମାନଙ୍କ ପାଖରେ ଥିବା ଅର୍ଥ ବିଭାଗ ତାଙ୍କୁ ଏଥର ପୁଣି ଫେରସ୍ତ କରାଯାଉ । ତେବେ ଏହି ପ୍ରସଙ୍ଗ ବିଜେପି ପାଇଁ ଚିନ୍ତାର ବିଷୟ ପାଲଟିଛି, କାରଣ ଶିବସେନା ମଧ୍ୟ ଅର୍ଥ ବିଭାଗ ଚାହୁଁଛି । ଅବଶ୍ୟ ସିନ୍ଦେଙ୍କର ଏହି ଇଚ୍ଛା ପୂରଣ ହେବା ଅତ୍ୟନ୍ତ କଷ୍ଟକର, କାରଣ ଏନସିପି ଅର୍ଥ, ଯୋଜନା ଏବଂ ଜଳସେଚନ ବିଭାଗ ପାଇଁ ଦାବି ରଖିଛି ।

**ଅଡୁଆରେ ବିଜେପି**

# ଦିଲ୍ଲୀରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

**ନୂଆଦିଲ୍ଲୀ:** ଦିଲ୍ଲୀରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କ ନିର୍ଦ୍ଦେଶ ପରେ ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସବୁ ଜିଲ୍ଲାର ପୁଲିସକୁ ନିର୍ଦ୍ଦେଶ ମିଳିଛି । ଏହା ସହିତ କ୍ରାଇମ ବ୍ରାଞ୍ଚକୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି ।

**ମୁସଲମାନ ନେତାଙ୍କ ଦାବି ପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**



ସୂଚନା ଅନୁସାରେ, ଏହି ଲୋକମାନେ ବାଂଲାଦେଶ ସୀମା ଡେଇଁ ଭାରତକୁ ଅନୁପ୍ରବେଶ କରିବା ମାତ୍ରେ ନକଲି ଭାରତୀୟ ପରିଚୟ ପତ୍ର ତିଆରି କରିଦିଅନ୍ତି । ଦିଲ୍ଲୀରେ ରହୁଥିବା ସମସ୍ତ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପରିଚୟ ପତ୍ର ଚିହ୍ନଟ କରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଏଭଳି ପରିସ୍ଥିତିରେ ନକଲି ପରିଚୟ ପତ୍ର ତିଆରି କରୁଥିବା ଦଲାଲଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶନିବାର ଦିନ ହଜରତ ନିଜାମୁଦ୍ଦିନର ଧର୍ମଗୁରୁ ତଥା ମୁସଲମାନ ନେତାଙ୍କ ଏକ ପ୍ରତିନିଧି ଦଳ ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ଭେଟି ବାଂଲାଦେଶରେ ଜାରି ରହିଥିବା ହିନ୍ଦୁ ବିରୋଧୀ ହିଂସାକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଦିଲ୍ଲୀରେ ରହୁଥିବା ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତାଙ୍କ ଦେଶକୁ ତଡ଼ିବାକୁ ମଧ୍ୟ ସେମାନେ ଦାବି କରିଥିଲେ । ଏହାପରେ ମଙ୍ଗଳବାର ଦିଲ୍ଲୀର ମୁଖ୍ୟ ଶାସନ ସଚିବ ଓ ପୁଲିସ କମିଶନରଙ୍କୁ ଉପରାଜ୍ୟପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ସହରରେ ରହୁଥିବା ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୁଇ ମାସର ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି ପୁଲିସ ।

ଉପରାଜ୍ୟପାଳଙ୍କୁ ଭେଟିଥିବା ଦିଲ୍ଲୀ ହଜରତ ନିଜାମୁଦ୍ଦିନର ଧର୍ମଗୁରୁ ତଥା ମୁସଲମାନ ନେତାମାନେ ଏହା ମଧ୍ୟ ଦାବି କରିଥିଲେ ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ଘର ଭଡା କିମ୍ବା ଚାକିରି ମିଳିବା ଉଚିତ ନୁହେଁ । ଏହାସହ ସେମାନେ ପାଇଥିବା ଆଧାର ଏବଂ ଭୋଟର ପରିଚୟ ପତ୍ର ଭଳି ଜାଲ୍ ସରକାରୀ ଦସ୍ତାବିଜକୁ ମଧ୍ୟ ତୁରନ୍ତ ଜବତ କରାଯିବା ଉଚିତ । ବାଂଲାଦେଶୀମାନେ ଜବରଦଖଲ କରିଥିବା ସଡକ, ଫୁଟପାଥ, ପାର୍କ ଏବଂ ସରକାରୀ ଜମିରୁ ତାଙ୍କୁ ବିତାଡ଼ିତ କରିବାକୁ ଏମାନେ ଦାବି ରଖିଥିଲେ । ଏହି ପ୍ରତିନିଧୀ ମଦ୍ରାସା ଏବଂ ମସଜିଦମାନଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି ଯେ ସେମାନେ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ଆଶ୍ରୟ ନଦେଇ ବାହାରକୁ ବାହାର କରନ୍ତୁ ।

# ଅଷ୍ଟ୍ରେଲିଆ ଲ୍ୟାବରୁ ଶତାଧିକ ଘାତକ ଭାଇରସ ନମୁନା ନିଖୋଜ

**କ୍ୱିନସଲ୍ୟାଣ୍ଡ:** ଅଷ୍ଟ୍ରେଲିଆର ଏକ ଲାବରେଟରୀରୁ ଶତାଧିକ ଘାତକ ଭାଇରସ ନମୁନା ନିଖୋଜ ହୋଇଯାଇଛି । କ୍ୱିନସଲ୍ୟାଣ୍ଡ ସରକାର ଏହି ଦାବି କରିଛନ୍ତି । ଏହା ଏକ ଗୁରୁତର ଘଟଣା ବୋଲି ସରକାର କହିଥିବା ବେଳେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କ୍ୱିନସ୍‌ଲ୍ୟାଣ୍ଡ ସ୍ୱାସ୍ଥ୍ୟ ବିଭାଗ ଅଷ୍ଟ୍ରେଲିଆ ସାର୍ବଜନିକ ସ୍ୱାସ୍ଥ୍ୟ ବିଭାଗକୁ ଏହି ମାମଲାର ତଦନ୍ତ ଆରମ୍ଭ କରିବାକୁ କହିଛନ୍ତି । କୁହାଯାଇଛି ଅଗଷ୍ଟ ୨୦୨୩ରେ କ୍ୱିନସଲ୍ୟାଣ୍ଡର ସାର୍ବଜନିକ ସ୍ୱାସ୍ଥ୍ୟ ଭାଇରୋଲଜି ପ୍ରୟୋଗଶାଳାରୁ ଏହି ନମୁନା ଗାୟବ ହୋଇଛି ।

**ଏଥିରେ ଅନେକ ସଂକ୍ରାମକ ଭାଇରସ ଯେପରିକି ହେଣ୍ଡ୍ରା ଭାଇରସ, ଲିସା ଭାଇରସ ଓ ହଣ୍ଟାଭାଇରସ ନମୁନା ମଧ୍ୟ ସାମିଲ ଅଛି । ଏଥିରୁ ୨୩୨ଟି ଶିଶି ହଜି ଯାଇଛି । ହେଣ୍ଡ୍ରା ପଶୁଙ୍କଠୁ ମନୁଷ୍ୟକୁ ବ୍ୟାପୁଥିବା ଭୂତାଣୁ, ଯାହା କେବଳ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଥାଏ ।**

ଏଥିରେ ଅନେକ ସଂକ୍ରାମକ ଭାଇରସ ଯେପରିକି ହେଣ୍ଡ୍ରା ଭାଇରସ, ଲିସା ଭାଇରସ ଓ ହଣ୍ଟାଭାଇରସ ନମୁନା ମଧ୍ୟ ସାମିଲ ଅଛି । ଏଥିରୁ ୨୩୨ଟି ଶିଶି ହଜି ଯାଇଛି । ହେଣ୍ଡ୍ରା ପଶୁଙ୍କଠୁ ମନୁଷ୍ୟକୁ ବ୍ୟାପୁଥିବା ଭୂତାଣୁ, ଯାହା କେବଳ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଥାଏ । ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍ ଅନୁସାରେ ହଣ୍ଟା ଭାୟରସ ଏକ ଏପରି ଭୂତାଣୁ ପରିବାର ଯାହା ଗୁରୁତର ରୋଗ ଓ ମୃତ୍ୟୁର କାରଣ ହୋଇପାରେ । ସେହିପରି ଲିସା ଭାୟରସ ରେବିଜର କାରଣ ହୋଇପାରେ ।



ବିଜ୍ଞପ୍ତିରେ କୁହାଯାଇଛି ଯେଉଁ ପ୍ରୟୋଗଶାଳାରୁ ଏହି ଭୂତାଣୁ ନମୁନା ଗାୟବ ହୋଇଛି ତାହା ଚିକିତ୍ସକୀୟ ଗୁରୁତ୍ୱର ଭାଇରସ ଓ ମସା ଏବଂ ଟିଙ୍କ ଜନିତ ରୋଗଜନକର ନୈଦାନିକ ସେବା, ଦେଖରେଖ ଓ ଅନୁସନ୍ଧାନ ପ୍ରଦାନ କରିଥାଏ । ବୟାନରେ କୁହାଯାଇଛି ଯେ ସଂକ୍ରାମକ ନୁମନାଗୁଡିକ ଚୋରି ହୋଇଯାଇଛି ନା ନଷ୍ଟ ହୋଇଯାଇଛି ତାହା ଜଣା ନାହିଁ । ତେବେ ସରକାର ମାମଲାରେ ତାଙ୍କ ଆଡୁ ତଦନ୍ତ ଆରମ୍ଭ କରିଦେଇଛନ୍ତି । ମନ୍ତ୍ରୀ ଟିମୋଥି ନିକୋଲସ ବିଜ୍ଞପ୍ତିରେ କହିଛନ୍ତି ଯେ ଜୈବ ସୁରକ୍ଷା ପ୍ରୋଟକଲର ଏହା ଗୁରୁତର ଉଲ୍ଲଂଘନ । ନିକୋଲସ୍ କହିଛନ୍ତି ଯେ କ୍ୱିନସଲ୍ୟାଣ୍ଡ ସ୍ୱାସ୍ଥ୍ୟ ଏ ବାବଦେ ସକ୍ରିୟ ଉପାୟ କରିଛନ୍ତି । ବୋଷ୍ଟନ ନର୍ଥ ଇଷ୍ଟର୍ଣ୍ଣ ୟୁନିଭର୍ସିଟିରେ ଏଆଇ ଓ ଜୀବନ ବିଜ୍ଞାନର ନିର୍ଦ୍ଦେଶକ ସ୍ୟାମ ସ୍କାର୍ପିନୋ କହିଛନ୍ତି ଯେ ଅଷ୍ଟ୍ରେଲିଆରେ ନିଖୋଜ କୁହାଯାଉଥିବା ସବୁ ରୋଗଜନକ ହାଇ-ରେଜଲ୍ଟର ଓ ଜନତାଙ୍କ ଲାଗି ବିପଦ ସୃଷ୍ଟି କରିପାରେ । ସ୍କାର୍ପିନୋ କହିଛନ୍ତି ଯେ ୩ ରୋଗଜନକର ମନୁଷ୍ୟଙ୍କ ଠାରେ ମୃତ୍ୟୁହାର ବହୁତ ଅଧିକ ହୋଇପାରେ । ତେବେ ସେଗୁଡିକ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକୁ ସହଜରେ ସଞ୍ଚାରିତ ହୁଏ ନାହିଁ ।

## ରାଶିଫଳ

**ମେଷ :** ଚତୁର୍ଥ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକ ରହିବ ।

**ବୃଷ:** ତୃତୀୟ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ସୁଖବର, ସୁସମ୍ବାଦ ମିଳିବ ଏବଂ ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ । ମନରେ ଦୃଢ଼ଇଚ୍ଛାଶକ୍ତି ଓ ମନୋବଳ ବୃଦ୍ଧି ପାଇବ ।

**ମିଥୁନ:** କୃଷ୍ଣପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖାଦେବ ।

**କର୍କଟ:** ଘାତତିଥି ଏବଂ ଶ୍ରୀଚନ୍ଦ୍ର ଯୋଗୁ ଘାତତିଥିର ପ୍ରଭାବ ରହିବ ନାହିଁ । ରୋଗ, ଋଣ, ଦୁଃଖ, ଶୋକ, କ୍ଳେଶ ଓ ଅବସାଦରୁ ସାମୟିକ ମୁକ୍ତି ମିଳିବ ଏବଂ ଧନ, ମାନ, ସମ୍ମାନ ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ଦେହ ମନ ସୁସ୍ଥ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ।

**ସିଂହ:** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅପବ୍ୟୟ, ଅପବାଦ ଓ ଅପଯଶରୁ ମୁକ୍ତି ମିଳିବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ । ଖର୍ଚ୍ଚ ପ୍ରତି ଅନାଗ୍ରହ ଏବଂ ସଞ୍ଚୟ ପ୍ରତି ମନରେ ଅଧିକ ଆଗ୍ରହ ରହିବ ଏବଂ ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**କନ୍ୟା:** ଏକାଦଶ ଚନ୍ଦ୍ର ଏବଂ ଶନିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷପୂର୍ଣ୍ଣ ହେବ ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ନୂତନ ଭୂମିପୂଜା, ଗୃହପ୍ରତିଷ୍ଠା ଏବଂ ଗୃହାରମ୍ଭ ଆଦି ଶୁଭକର୍ମର ଆୟୋଜନ କରିବେ ଓ ଉନ୍ନତି ମୂଳକ କର୍ମରେ ଅଧିକ ଧ୍ୟାନ ଦେବେ ।

**ତୁଳା:** ଦଶମଚନ୍ଦ୍ର ଯୋଗୁ କର୍ମପ୍ରତି ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ ଏବଂ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ରହିବ । ଆଜି ଯେକୌଣସି କର୍ମ ଆରମ୍ଭ କରିବେ ସେଥିରେ ଶତପ୍ରତିଶତ ସଫଳତା ପାଇବେ ଏବଂ ସମସ୍ତକର୍ମ ଆଜି ଆପଣଙ୍କ ପାଇଁ ସହଜ ହେବ ।

**ବିଛା :** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ ସହ ବିବାଦ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ଶତ୍ରୁତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବେ । ଅପମାନ, ଅପଯଶ, ଅପନିନ୍ଦା ମିଳିବ ଏବଂ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମାନ୍ଦାବସ୍ଥା ଲାଗି ରହିବ ଏବଂ ଆର୍ଥିକ ସ୍ଥିତି ପ୍ରଭାବିତ ହେବ । କର୍ମରେ ବିଫଳତା ଓ ସମ୍ମାନ ହାନି ଘଟିବ ।

**ଧନୁ :** ଅଷ୍ଟମଚନ୍ଦ୍ର ଏବଂ ଶନିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବହୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ । ମନରେ ବିରକ୍ତିଭାବ ଓ ଚିଡ଼ିଚିଡ଼ାପଣ ପ୍ରକାଶ ପାଇବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ ।

**ମକର :** ସପ୍ତମ ଚନ୍ଦ୍ର ଏବଂ ଶନିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଭୂମିପୂଜା, ଗୃହ ପ୍ରତିଷ୍ଠା ଓ ଗୃହାରମ୍ଭ, ବ୍ୟବସାୟ ଆରମ୍ଭ ଓ କର୍ମାରମ୍ଭ କରିପାରନ୍ତି । ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ସହଧର୍ମିଣୀଙ୍କ ସହଯୋଗ ମିଳିବ ।

**କୁମ୍ଭ :** ଷଷ୍ଠଚନ୍ଦ୍ର, ଶନିଙ୍କ ନକ୍ଷତ୍ର, ଷଷ୍ଠୀତିଥି ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ । ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମୀନ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଅପରାହ୍ଣ ୩ଟା ୩୫ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ଅପମାନ, ଅପଯଶ ଓ ଅପନିନ୍ଦା ମିଳିବ ଏବଂ ସନ୍ତାନ ମାନଙ୍କ କର୍ମ ଓ ପିତାମାତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ । ବିଦ୍ୟାରେ ଅସଫଳ, ସନ୍ତାନ ହେତୁକ ଦୁଶ୍ଚିନ୍ତା, ମାନ, ସମ୍ମାନ ହାନି ଏବଂ ସମସ୍ତ କର୍ମ ବିବାଦୀୟ ହେବ । ମନ ଅସ୍ଥିର ଓ ବିଷାଦ ଗ୍ରସ୍ତ ରହିବ ଏବଂ ପରିବାରରେ ଅଶାନ୍ତି ଲାଗି ରହିବ ।

# ପୁରୁଷ ଅଧିକାରକୁ ନେଇ ଜାତୀୟ ସ୍ତରରେ ବିତର୍କ

ପୁରୁଷ ମଧ ହୋଇପାରେ ଘରୋଇ ହିଂସାର ଶିକାର। ମାନସିକ ନିର୍ଯାତନା ସହି ନପାରି ହାରି ପାରେ ଜୀବନ। ଏହିଭଳି ଘଟଣା ଦେଖିବାକୁ ମିଳିଛି ବେଙ୍ଗାଲୁରୁର ଅତୁଲ ସୁଭାଷଙ୍କ କ୍ଷେତ୍ରରେ। ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଅତୁଲ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇଥିବା ସେ ଛାଡ଼ି ଯାଇଥିବା ଏକ ଭିଡିଓରୁ ଜଣାପଡ଼ିଛି। ଅତୁଲଙ୍କ ଦୁଃଖଦ ଆତ୍ମହତ୍ୟା ପରେ ପୁରୁଷ ଅଧିକାରକୁ ନେଇ ଜାତୀୟ ସ୍ତରରେ ଆରମ୍ଭ ହୋଇଛି ବିତର୍କ। ଏ ପଟେ ଏହି ଘଟଣାରେ ମୃତ ଅତୁଲଙ୍କ ପତ୍ନୀ, ପତ୍ନୀଙ୍କ ପରିବାର ଓ ଜଣେ ବିଚାରପତିଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି।

୩୪ ବର୍ଷୀୟ ଅତୁଲ ସୁଭାଷ ଏକ ଘରୋଇ ସଂସ୍ଥାରେ ଡେପୁଟି ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ମାନସିକ ନିର୍ଯାତନା ଏତେ ବଢ଼ିଯାଇଥିଲା ଯେ, ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ମୃତ୍ୟୁ ପୂର୍ବରୁ ଏକ ଭିଡିଓ ଜାରି କରିଥିଲେ ଅତୁଲ, ଯେଉଁଥିରେ ସେ ତାଙ୍କ ମୃତ୍ୟୁ ପାଇଁ ତାଙ୍କ ପତ୍ନୀ ଓ ପତ୍ନୀଙ୍କ ପରିବାର ଲୋକଙ୍କୁ ଦାୟୀ କରିଥିଲେ। ତାଙ୍କ ଶବକୁ ପତ୍ନୀ ଛୁଇପାରିବେ ନାହିଁ ବୋଲି ସେ କହିଛନ୍ତି। ନ୍ୟାୟ ନମିଳିବା ଯାଏଁ ତାଙ୍କ ଅସ୍ଥି ବିସର୍ଜନ ନକରିବାକୁ କହିବା ସହ ନ୍ୟାୟ ନମିଳିଲେ ତାଙ୍କ ଅସ୍ଥିକୁ ନର୍ଦ୍ଦମାରେ ପକାଇଦେବାକୁ କହିଛନ୍ତି ଅତୁଲ।

ଅତୁଲଙ୍କ ଅପମୃତ୍ୟୁ କେବଳ ନିର୍ଯାତନା, ଜବରଦଖଲ ଓ ଦୁର୍ନୀତି ଅଭିଯୋଗର ପର୍ଦ୍ଦାଫାସ କରିନାହିଁ ବରଂ ନ୍ୟାୟିକ ବ୍ୟବସ୍ଥାରେ ପୁରୁଷଙ୍କ ଅଧିକାର ଓ ପକ୍ଷପାତିତାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଆରମ୍ଭ କରିଛି।

ମୃତ ଅତୁଲଙ୍କ ପତ୍ନୀ ନିକିତା ସିଂହାନିଆ, ତାଙ୍କ ମା' ଓ ଭାଇ ଏବଂ ଜଣେ ବିଚାରପତିଙ୍କ ବିରୋଧରେ ଆତ୍ମହତ୍ୟା କରିବାକୁ ବାଧ କରିଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ଭାଇ ବିକାଶ କୁମାର।

ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୧୦୮ (ଆତ୍ମହତ୍ୟା ପାଇଁ ପ୍ରୋତ୍ସାହନ) ଏବଂ ଧାରା ୩(୫) (ଯୁଗ୍ମ ଅପରାଧିକ ଦାୟିତ୍ୱ ସ୍ଥାପିତ କରିବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅତୁଲଙ୍କ ମୃତ୍ୟୁର ମୁଖ୍ୟ କାରଣ ଭାବେ ନିର୍ଯାତନା, ଦାଦାବଟି ଆଦାୟ ଓ ଦୁର୍ନୀତି ବୋଲି ଏତଲାରେ ଦର୍ଶାଯାଇଛି।

ମୃତ୍ୟୁ ପୂର୍ବରୁ ଅତୁଲ ସୁଭାଷ ୨୪ ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ଓ ୯୦ ମିନିଟର ଏକ ଭିଡିଓ ଛାଡ଼ି ଯାଇଛନ୍ତି। ଏହି ଦସ୍ତାବିଜଗୁଡ଼ିକରେ ସେ କିପରି ମାନସିକ ଓ ଶାରୀରିକ ଭାବେ ଯନ୍ତ୍ରଣା ଅନୁଭବ କରୁଥିଲେ ସେ ବିଷୟରେ ବର୍ଣ୍ଣନା କରାଯାଇଛି।

ଅତୁଲ ତାଙ୍କ ଚିଠିରେ ଅଭିଯୋଗ କରିଥିଲେ ଯେ, ତାଙ୍କ ପତ୍ନୀ ନିକିତା, ଅତୁଲଙ୍କ ପରିବାର ଓ ତାଙ୍କ ୪ ବର୍ଷର ପୁଅକୁ ଦେଖା କରିବା ପାଇଁ ଏକ ମାମଲାର ସମାଧାନ ପାଇଁ ୩ କୋଟି ଟଙ୍କା ଦାବି କରିଥିଲେ। ଏହା ସହ ପୁଅକୁ ଦେଖା କରିବାର ଅଧିକାର ପାଇଁ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ। ହତ୍ୟା, ଯୌନ ଶୋଷଣ ଏବଂ ଘରୋଇ ହିଂସା ଅଭିଯୋଗ ସମେତ ତାଙ୍କ ବିରୋଧରେ ୯ଟି ପୃଥକ ଆଇନଗତ ମାମଲା ରହିଛି ବୋଲି ସେ ଦାବି କରିଛନ୍ତି।

ଉତ୍ତରପ୍ରଦେଶର ଜୌନପୁରର ପରିବାର ଅଦାଲତର ବିଚାରପତି ଏବଂ ଜଣେ ଅଦାଲତ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ନେଇଥିବା ଅଭିଯୋଗ ମଧ ସେ ଆଣିଛନ୍ତି।

ସୁଭାଷ ୨୦୧୯ରେ ନିକିତା ସିଂହାନିଆଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଏକ ସନ୍ତାନ ଥିଲା। ଉଭୟଙ୍କ ମଧ୍ୟରେ ସଂପର୍କ ଖରାପ ହେବାରୁ ୮ ମାସ ପରେ ଦୁହେଁ ଅଲଗା ହୋଇଯାଇଥିଲେ। ଅଲଗା ହେବା ପରେ ନିକିତା ଅତୁଲଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି।

ସୁଇସାଇଡ୍ ନୋଟ୍ ଅନୁଯାୟୀ, ନିର୍ଯାତନା କ୍ରମେ ତୀବ୍ର ହେବାରୁ ଅତୁଲ ଏହି ଚରମ ପଦକ୍ଷେପ ନେଇଥିଲେ। ସୋମବାର ସକାଳେ ବେଙ୍ଗାଲୁରୁର ହୋୟସାଲା ପୋଲିସ କଣ୍ଟ୍ରୋଲ ରୁମକୁ ଅତୁଲଙ୍କ ଆତ୍ମହତ୍ୟା ସମ୍ପର୍କରେ ଫୋନ ଆସିଥିଲା।

ପୋଲିସ ମଞ୍ଜୁନାଥ ଲେଆଉଟର ଡେଲ୍ଫି ରେସିଡେନ୍ସିରେ ଥିବା ତାଙ୍କ ବନ୍ଦ ଫ୍ଲାଟରେ ପହଞ୍ଚି ଅତୁଲଙ୍କୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲା। ଘଟଣାସ୍ଥଳରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

ଅତୁଲଙ୍କ ଭାଇ ବିକାଶ କୁମାର ଏହି ବ୍ୟବସ୍ଥାଗତ ପକ୍ଷପାତିତାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି, 'ଭାରତରେ ପ୍ରତ୍ୟେକ ଆଇନ ମହିଳାଙ୍କ ପାଇଁ, ପୁରୁଷଙ୍କ ପାଇଁ ନୁହେଁ। ମୋ ଭାଇ ଏହି ପକ୍ଷପାତିତା ବିରୋଧରେ ଲଢ଼େଇ କରୁଥିଲେ, କିନ୍ତୁ ଶେଷରେ ସେ ଆମକୁ ଛାଡ଼ି ଚାଲିଗଲେ।'

ସୁଇସାଇଡ ନୋଟରେ ଅତୁଲଙ୍କ ଶେଷ ଇଚ୍ଛା ରହିଛି, ଏବେ ପୁଅକୁ ତାଙ୍କ ପରିବାର ହେପାଜତ ରହୁ। ଅତୁଲଙ୍କ ମୃତ୍ୟୁକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଟ୍ରେଣ୍ଡ କରୁଥିବା ଦେଖିବାକୁ ମିଳୁଛି। ବୈବାହିକ ବିବାଦରେ ପୁରୁଷମାନେ ଯେଉଁ ନିର୍ଯାତନାର ସମ୍ମୁଖୀନ ହୁଅନ୍ତି ତାହାକୁ ନେଇ ଅନେକ ଚିନ୍ତା ପ୍ରକଟ କରିଛନ୍ତି।

ଏକ୍ସ (ପୂର୍ବରୁ ଟ୍ୱିଟର)ରେ ଜଣେ ୟୁଜର କମେଣ୍ଟ କରି ଲେଖିଛନ୍ତି, 'ଭାରତରେ ଜଣେ ବ୍ୟକ୍ତି ହେବା ଏକ ଅପରାଧ'। ଅନ୍ୟ ଜଣେ ଦୁଃଖ ପ୍ରକାଶ କରି କହିଛନ୍ତି, 'ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଏବଂ ମଣିଷ କେଉଁ ପ୍ରକାରର ଯନ୍ତ୍ରଣା ଦେଇ ଗତି କରେ ତାହା ଦର୍ଶାଉଛି। ପୁରୁଷଙ୍କ ଅଧିକାରକୁ ଅନେକ ସମୟରେ ଅଣଦେଖା କରାଯାଏ।'

ଅନେକ ଲୋକ ସମାନ ପରିସ୍ଥିତିରେ ନୀରବ ଯନ୍ତ୍ରଣା ଭୋଗୁଥିବା ପୁରୁଷମାନେ ପ୍ରଣାଳୀଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ଆଇନ ଓ ନ୍ୟାୟ ମନ୍ତ୍ରାଳୟ ଲୋକଙ୍କ ଅସନ୍ତୋଷର ଜବାବ ଦେଇ ପାରିବାରିକ ଅଦାଲତର ଭୂମିକା ଉପରେ ଗୁରୁତ୍ୱାରୋପ କରିଛି। ମନ୍ତ୍ରାଳୟ ଏକ୍ସର ଏକ ପୋଷ୍ଟ ଉପରେ କହିଛି, ପରିବାର ମଧ୍ୟରେ ବିବାଦର ସମାଧାନ ପାଇଁ ପାରିବାରିକ ଅଦାଲତ ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ। ତେବେ ସମାଲୋଚକମାନେ ଯୁକ୍ତି ବାଢ଼ିଛନ୍ତି ଯେ, ବର୍ତ୍ତମାନର ବ୍ୟବସ୍ଥା ମହିଳାଙ୍କୁ ଅସମାନ ଭାବେ ସମର୍ଥନ କରୁଛି ଏବଂ ପୁରୁଷମାନଙ୍କୁ ଆଇନର ଅପବ୍ୟବହାରର ଶିକାର କରୁଛି।

ଅତୁଲ ସୁଭାଷଙ୍କ ମାମଲା ଭାରତର ଆଇନ ବ୍ୟବସ୍ଥାରେ ପୁରୁଷଙ୍କ ପ୍ରତି ହେଉଥିବା ପକ୍ଷପାତିତାକୁ ନେଇ ବିତର୍କକୁ ସରଗରମ କରିଛି। ବୈବାହିକ ବିବାଦ ଓ ନିର୍ଯାତନା ମାମଲାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସଂସ୍କାର ଆଣିବାକୁ ସାମାଜିକ କର୍ମୀ ଓ ନାଗରିକମାନେ ଦାବି କରୁଛନ୍ତି।

ଆନ୍ଦୋଳନ ଜୋର ଧରିଛି। ଓକିଲମାନେ ଏକ ସନ୍ତୁଳିତ ଆଭିମୁଖ୍ୟ ପାଇଁ ଯୁକ୍ତି କରନ୍ତି ଯାହା ସମସ୍ତ ଲିଙ୍ଗର ଆବଶ୍ୟକତା ଏବଂ ଅଧିକାରକୁ ସମ୍ବୋଧିତ କରିଥାଏ।

ଏହି ପରିପ୍ରେକ୍ଷୀରେ ଅତୁଲ ସୁଭାଷଙ୍କ ଦୁଃଖଦ ମୃତ୍ୟୁ ଘଟଣା ବ୍ୟବସ୍ଥାରେ ସଂସ୍କାରର ଜରୁରୀ ଆବଶ୍ୟକତାକୁ ମନେ ପକାଇଦେଇଛି। ଅତୁଲଙ୍କ ଡେଥନୋଟ୍‌ରେ ଥିବା ହୃଦୟ ବିଦାରକ ଶେଷ ଶବ୍ଦ 'ନ୍ୟାୟ ହିଁ ବକେୟା' ଏବେ ସାରା ଦେଶରେ ଗୁଞ୍ଜରିତ ହେଉଛି।

# ଚୋର, ଯୁଆଚୋର, ଦୁଆଚୋର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ସମସ୍ତ ବାସ ସ୍ଥାନରେ ଉଚ୍ଚା ପାଚେରୀ କରାଯାଉଛି। କାହାରି ପାଚେରୀରେ କଣ୍ଟା କାଚ ସଂଶ୍ଳିଷ୍ଟ କରାଯାଉଛି। ଫାଟକରେ ଲୁହା ଫାଟକ ରନ୍ଧି ଜାଲିକବାଟ ଲଗାଯାଉଛି। କବାଟରେ ହୁଡୁକା ଭିତରୁ ଭିଡ଼ାଯାଇ ତାଲା ରାତ୍ରୀରେ ଲଗାଯାଉଛି। ଲୋକେ ବାହାରକୁ ଗଲେ ବାହାରପଟେ ତାଲା ଠୁକି ଯାଉଛନ୍ତି। ବାସ ଭିଟାରେ ସୁବିଧା ସ୍ଥାନ ଦେଖି ଘର କୋଠରୀ ତିଆରି ରହିଛି। ଘରକୁ ଏକ ଦୁର୍ଗ ଶୈଳୀରେ ଏ ସମୟରେ କରାଯାଉଛି। ଘରୁଆଙ୍କ ସୁବିଧା ଦୃଷ୍ଟେ ଘର ଭିତରେ ଶୋଇବା ଘର, ବୈଠକଖାନା, ପାଇଖାନା, ଜଳସ୍ଥାନ, ରୋଷେଇ ଘର, ଖାଇବା ସ୍ଥାନ, ଠାକୁରଘର ତା ବାଦ କୁଣିଆଁଙ୍କ ପାଇଁ ଗୃହର ଅନ୍ୟ ସଦସ୍ୟଙ୍କ ପାଇଁ ପିଲାଙ୍କ ପାଠପଢ଼ା ଘର କରାଯାଉଛି। ଏକ ଅଭିନ୍ନ ଯୌଥ ପରିବାରଙ୍କ ପାଇଁ ଏମିତି ବହୁକୋଠରୀ ଘର କରାଯାଉଛି। ଭାଡ଼ିଘର କରାଯାଉଛି ସବୁଘର କବାଟରେ ଭିତରୁ ଓ ବାହାରୁ ହୁଡକା ଲଗାଇ ଗୃହ ବନ୍ଦ କରିବା ବ୍ୟବସ୍ଥା କରାଯାଉଛି। ସୁଦୃଢ଼ କବାଟ ଲଗାଯାଉଛି, ଝରକା ସୁଦୃଢ଼ କରାଯାଉଛି, ଘରେ ଆଲମାରୀ, ବାକ୍ସ ଆଦିରେ ଚାବି ତାଲା ସଂଶ୍ଳିଷ୍ଟ ରହିଛି ପ୍ରତି ବଖରାର ବ୍ୟକ୍ତି ଦୂରାନ୍ତ ହେଲେ ଘରେ ତାଲା ପକାଉଛନ୍ତି। ଗୃହର ମୁଖ୍ୟ ଫାଟକରେ ଅନେକଙ୍କର ବି ୱେର ଅଫ ଡଗ ବା କୁକୁର ପ୍ରତି ସାବଧାନ ଲେଖା ରହିଛି। ଏହା ସହିତ ସାଂଘାତିକ କୁକୁର ଘରେ ବନ୍ଧା ରହିଛି କି ଖୋଲା ରହୁଛି ଅପରିଚିତଙ୍କ ଗନ୍ଧ ପାଇଲେ ବା ତାର ଦୃଶ୍ୟାରତ ହେଲେ ସେ ଭୋକି ଗୃହଲୋକଙ୍କୁ ଜଣାଇଁ ଦେଉଛି।

ପୂର୍ବେ ଦୁର୍ଗ ବା ଗଡ଼ ତିଆରି ଏପରି ସୁଦୃଢ଼ କରାଯାଉଥିଲା ପ୍ରତି ଗଡ଼ର ଏକ ଘେର ଗଡ଼ଖାଇ ଥିଲା। ତାହା ଗଭୀର ଦୁଇ ପଟର କାନ୍ଥ ଜଳତଳ ସହିତ ୯୦ ଡିଗ୍ରୀ କୋଣରେ ଉଠିଥାଏ। ଜଳରେ ହିଂସ୍ର କୁମ୍ଭୀରମାନ ଛଡ଼ା ଯାଇଥାଏ। ପତ୍ର କୁଡ଼ିଆରେ ଲକ୍ଷ୍ମଣ ତିନିରେଖା କାଟି ସୀତାଙ୍କୁ ରେଖା ନ ଟପିବା ପାଇଁ କହିଯାଇଥିଲେ। ଏ ତିନିରେଖା ପ୍ରତି ଘରେ ଏବେ ରହିଛି (ପି) ପାଚେରୀ, କୋଠରୀ ଗୁଡ଼ିକର ପ୍ରତ୍ୟେକ ଭିତର ତିନି କାନ୍ଥ, କୋଠରୀ ଗୁଡ଼ିକ ସମୂହ ବାହାର କାନ୍ଥ ଏହି ହେଲା ତିନି ରେଖା। ଦୁର୍ଗଗୁଡ଼ିକର ଏମିତି ତିନି ପ୍ରକାର ଘେର ରହିଛି। ଏସବୁ ବହିଃଶତ୍ରୁ ବା ଚୋରର ଆକ୍ରମଣରୁ ରକ୍ଷା ପାଇଁ ଏକ ଏକ ଉପାୟ। ଏ ସମୟ ଘରେ ଅଳଙ୍କାର ସୁନା, ହୀରା, ଆଦି ଟଙ୍କା ପଇସା ମୂଲ୍ୟବାନ ଜିନିଷ ରଖିଲେ ଦୂରଖୋଜ ବା ଚୋରୀର ଭୟ ଆସୁଥିବାରୁ ଲୋକେ ସନ୍ନିକଟ ବ୍ୟାଙ୍କରେ ରଖୁଛନ୍ତି। ବିଦେଶ ସୁଇଜରଲ୍ୟାଣ୍ଡର ସୁଇସ ବ୍ୟାଙ୍କରେ ବଡ଼ ବଡ଼ ପୁଞ୍ଜିପତି ଧନୀ ନେତା ତାଙ୍କର ଧନ ଏମିତି ଛପାଇ ଜମା କରୁଛନ୍ତି। ସବୁ ମୂଳରେ ଚୋରୀ ଭୟ। ଚୋର ଚୋରୀ କରି ଧନକୁ ସିଧା ଘରେ ନରଖି ଅନ୍ୟକୁ ବିଶ୍ୱସ୍ତ ଦେଖି ହସ୍ତାନ୍ତର କରେ ବା ଗୁପ୍ତ ସ୍ଥାନ ବା ମାଟିରେ ପୋତି ପକାଏ, ହୋ ବଦଳିଲେ ଆସ୍ତେ ଆସ୍ତେ ଦ୍ରବ୍ୟ କିଣେ ସ୍ଥାନ କିଣେ ବା ବ୍ୟାଙ୍କରେ ଜମା କରେ। ପୂର୍ବେ ବହୁ ଆକ୍ରମଣକାରୀ ଆସି ଲୋକଙ୍କର ନିତ୍ୟ ଅର୍ଜନ ଧନ ସଞ୍ଚୟ ବର୍ଷକର ଆହାର ସଂଗ୍ରହ ଶସ୍ୟ ସମ୍ଭାରକୁ ଲୁଟି ନେଉଥିଲେ ବାଧା ପ୍ରଦାନରେ ପ୍ରାଣ ସଙ୍କା ବି କରୁଥିଲେ। ନଡ଼ାଛପର ଘର ମାନଙ୍କରେ ଆକ୍ରମଣକାରୀ ଅଗ୍ନୀ ସଂଯୋଗ କରୁଥିଲେ ଯୁବତୀ ମାନଙ୍କୁ ତାର ବାପା ଭାଇ ସାମୀ ଆଗରେ ଧର୍ଷଣ କରୁଥିଲେ। ଘର ଶିଶୁମାନଙ୍କୁ ହାତରେ ଟେକି ଧରି ତରବାରୀ ଉପରେ ଝୁଲାଇ ରଖୁଥିଲେ। ଏ ପାଇଁ ଲୋକେ ଆତଙ୍କିତ ବହୁ ପ୍ରକାରରେ ରହି ସମୁହରେ ସାହି, ଗ୍ରାମରେ ରହିବାକୁ ଚେଷ୍ଟା କଲେ ତାପରେ ଶସ୍ୟ ଭୂମିରେ ଜଳ ପରୀକ୍ଷା ଯୋଡ଼ ବା ଯୋର ମାନ କରିଲେ। ସଂଗୃହିତ ଶସ୍ୟର ବହୁଭାଗ ଖଣି ଖୋଳି ମାଟିରେ ପୋତି ରଖୁଥିଲେ। ନାରୀମାନେ ପିତଳ ଖଡୁ ହାତରେ ଲଗାଉଥିଲେ ଏହା ଏକ ପ୍ରକାର ସାଞ୍ଜୁପରି କାମରେ ଆସୁଥିଲା। ୧୬ ହାତର ଲମ୍ବା ଶାଢ଼ୀ ପିନ୍ଧୁଥିଲେ ଯାହା ସହଜରେ ଶରୀରରୁ ଟାଣିଲେ ଖୋଲେ ନାହିଁ। ଲୋକେ ଅସ୍ତ୍ରଚାଳନା ଆତ୍ମ ରକ୍ଷା ପାଇଁ ଶିକ୍ଷା କଲେ ପରେ ଖଣ୍ଡାୟତ ଜାତି ସୃଷ୍ଟି ହେଲା ଯେଉଁମାନେ କି କୃଷିଜୀବୀ ଚାଷୀ ବଡ଼ ଚାଷୀ ଏମିତି ପଶୁଧନ ଏକ ବିଶେଷ ଧନ ଏହା ଏକ ଗୋଷ୍ଠୀଙ୍କର ଭୋଜ୍ୟଦ୍ରବ୍ୟ ଯୋଗୁ ଗୋପାଳକ ମାନେ ବାଧ ହୋଇ ଅସ୍ତ୍ର ଧରି ସମୁହକୁ ସମୁହ ଭାବରେ ଆକ୍ରମଣ ପାଇଁ ତିଆର ରହିଲେ। ଯାହା ହାତରେ ଅସ୍ତ୍ର ତାକୁ କ୍ଷତ୍ରୀୟ କୁହାଯିବ ଏମିତି ନୁହେଁ। ମାତ୍ର ପ୍ରାଣରକ୍ଷା ଧନରକ୍ଷା ସମ୍ମାନ ରକ୍ଷା ସ୍ଥାନ ରକ୍ଷା ଶେଷରେ ଧର୍ମରକ୍ଷା ପାଇଁ ଏପରି ଅସ୍ତ୍ର ଆବଶ୍ୟକ ପଡ଼ି ଥିଲା। ଚୋର ଡକାୟତ ଆକ୍ରମଣକାରୀ ଦୂରରୁ ଭୟ ପାଇଁ ଆଦିବାସୀମାନେ ଧନୁତୀର ବଟୁଳି ଖଡ଼ାର ଆଶ୍ରୟ ନେଉଥିଲେ। ଯାହା ଏବେ ବି ଦେଖିବାକୁ ମିଳୁଛି।

ଯେତେବେଳେ ଦେଶ ସାଧୀନ ହେଲା ଏଇ ଅସ୍ତ୍ର ସବୁ ବିଲୁପ୍ତ ହେବାରେ ଲାଗିଲା। ଥାନା ଓ ସ୍ଥାନରକ୍ଷକ ଦଳମାନେ ଆକ୍ରମଣକାରୀ ଚୋରକୁ ଆୟତ କରିବା ପାଇଁ ସ୍ଥିର ଭାବରେ ଜଣା ପଡ଼ିଲା। ଏମିତି ବହିଃ ଦେଶରୁ ଆକ୍ରମଣକାରୀଙ୍କୁ ସେନା ଜଗି ରହିଲେ ବିଦେଶୀ ଆକ୍ରମଣକାରୀ ଆସିବା ଏକ ପ୍ରକାର ରନ୍ଧ ହୋଇଛି। ଏସୁ ପରେ ବି ଆଧୁନିକୀ କରଣରେ ଚୋରୀ ଯୁଆଚୋରୀ ଓ ଦୁଆଚୋରୀ ବି ବଢ଼ି ଚାଲିଛି। ଆକ୍ରମଣକାରୀ ମାରଣାସ୍ତ୍ର ଆଗ୍ନେୟାସ୍ତ୍ର ବିଷରେ ଲୁଚି ଛପି ଆକ୍ରମଣ ରତ ଅଛନ୍ତି। ଚୋରମାନେ ଚୋରୀ କରିବା ଦ୍ରବ୍ୟକୁ ଦୁଆଚୋରଙ୍କୁ ହସ୍ତାନ୍ତର କରି କିଛି ମୂଲ୍ୟ ପାଆନ୍ତି। ଚୋରକୁ ଧାନ ଭରଣ କରାଯାଏ। ଏହାର ଅର୍ଥ ମୂଲ୍ୟବାନ ଜିନିଷକୁ ନାମମାତ୍ର ମୂଲ୍ୟରେ ଦୁଆଚୋର କିଣି ତାର ସାଥି ସାଥି ରୂପ ରେଖ ବଦଳାଇ ଅନ୍ୟ ରୂପ ଦେଇ ଦ୍ରବ୍ୟର ଆକାରକୁ ବିକର କରିଦିଅନ୍ତି। ଗାଡ଼ି ଚୋରୀ ପରେ ତାକୁ କାଟି ଖଣ୍ଡ ଖଣ୍ଡ କରି ଦିଆଯାଉଛି। ସୁନା ଅଳଙ୍କାର ମୂର୍ତ୍ତି ଗୁଡ଼ିକୁ ତରଳାଇ ଦେଇ ରୂପରେଖ ବଦଳାଇ ଦିଆଯାଉଛି। ଏସବୁର ବି ବିକ୍ରୟ ହାଟ ଗଢ଼ି ଉଠିଛି ଯୁଆ ଚୋର ଏବେ ପ୍ରବଳ। ଏଥିରେ ପ୍ରତିରଣା କୁ ଲୁଚାଇ ପୁରସ୍କାରର ପ୍ରଚାର ଚାଲିଛି, ଇଟାରୀ, ସେୟାର ବଜାର ଜମି ବିକ୍ରୀ ଖର୍ଦ୍ଦି, ଗୃହ ନିର୍ମାଣ, ଗୃହବିକ୍ରୀ, ରେଲ ଟିକେଟ ବିମାନ ଯାତ୍ରା ଟିକେଟ ପରି ବହୁ ଠକ ପୁରସ୍କାର ଦ୍ୱାହିରେ ଲୋକଙ୍କୁ ନୋ ପ୍ରୋବ୍ଲେମ ଦ୍ୱାହିରେ ଅଲ ପ୍ରୋବ୍ଲେମ କରୁଛନ୍ତି।

ସରକାର କାନୁନ କଲେ ଆଉ ଦସ୍ତଖତ ଦରକାର ନାହିଁ ପୂର୍ବରୁ ଆଙ୍ଗୁଳି ନିର୍ମାଣ ଥରେ ସରକାରୀ ଦପ୍ତରକୁ ନଥିରେ ରହିଗଲା ପ୍ରତି ବ୍ୟାଙ୍କରେ ଜମାକାରୀକୁ ଏକ ଖାତା ନମ୍ବର ଦିଆଗଲା। ଆୟକର ପାଇଁ ପ୍ୟାନକାର୍ଡ଼ ନମ୍ବର ଧାର୍ଯ୍ୟ ଏସବୁ ସହିତ ପ୍ରତ୍ୟେକଙ୍କର ମୋବାଇଲ ଫୋନ ନମ୍ବର ସଂଯୋଗ ରହିଛି। ଏପରି ତିନି ବା ଚାରି ଥର ନମ୍ବର ନେଇ ଯୁଆଚୋର ଅଙ୍କର କୌଶଳରେ ବ୍ୟାଙ୍କ ଖାତାଧାରୀଙ୍କୁ ଠକିବା ପାଇଁ କୌଣସି ଅଳରେ ଯୋଗାଯୋଗ କରି ବ୍ୟାଙ୍କରୁ ଟଙ୍କା ହଡ଼ପ କରୁଛନ୍ତି। ଯାହା ଫେରସ୍ତ ପାଇବା ଏବେ ଅସାଧ୍ୟ ହେଲାଣି। ଏପରି ଚୋର ଯୁଆ ଖେଳ ପରି ଟ୧ଙ୍କା ଏକ ବଡ଼ ପୁରସ୍କାରରେ ଲଗାଇ ଲୋକଙ୍କୁ ପ୍ରଲୋଭିତ କରି ଟଙ୍କା ହଡ଼ପ କରୁଛନ୍ତି।

ହଠାତ୍ ଏକ ଫୋନକୁ ଭୟାତୁର ଖବର ନୋଟିସ ଆସିବ ତାର ଜୀବନ ମାତ୍ରେ ଏକାଉଣ୍ଟରୁ ଟଙ୍କା ହଡ଼ପ ଏକ ପୁରସ୍କାର ମିଳିବା ଖବର ତାପରେ ଏକାଉଣ୍ଟ ନମ୍ବର ଦେଲେ ଜମା ଶୂନ୍ୟ ଏପରି ଚୋର ବଢୁଛି। ଏ କେମିତି ଦମନ ହେବ ଏ ପାଇଁ ସମୁହ ଚେଷ୍ଟା ବର୍ତ୍ତମାନ ଦରକାର। ପୂର୍ବେ ଜମି କିଣିବା ବେଳେ ବା ଜମି ବିକ୍ରୀ ବେଳେ ଟଙ୍କା ଉଠାଇବା ବେଳେ ଦରମା ପାଇଲାବେଳେ, ରେଭେନ୍ୟୁଷ୍ଟାମ୍ପ ଲାଗୁଥିଲା। ଲୋକର ଦସ୍ତଖତ, ଟିପଚିହ୍ନ ସହିତ, ସାକ୍ଷୀ କଲମ ଅନ୍ୟ ଶଙ୍କୁ ସଙ୍ଗେତ ନିଆଯାଉଥିଲା। ଏବେ ଏହା ଉଠାଇ ଏକ ବିପତ୍ତି ସମସ୍ତଙ୍କ ପାଇଁ ଆସି ଯାଇଛି। ଜମା ଟଙ୍କା କେବଳ ଜମାକାରୀ ଜାଣିବା, ଏବେ କେବେ ଏକ ଘରିଆ ନୁହଁ, ବହୁଘରିଆ ଟ୍ୟାକ୍ସ କର୍ତ୍ତୃପକ୍ଷ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ସହିତ ଏଇ ଯୁଆ ଚୋରମାନେ ଜାଣିପାରୁଛନ୍ତି। ଚୋରଙ୍କ ଠାରୁ ଯୁଆ ଚୋର ପ୍ରବଳ ଏସବୁ ଦେଶ ବିଦେଶରେ ପ୍ରବଳ ମାଡ଼ି ଲେଣି। ଏହା ମହମ୍ମଦଘୋରୀ ମାମୁଦଙ୍କ ପରି ଭିନ୍ନ ଏକ ଘୌରୀଗୋଷ୍ଠୀ। ଏ ଅସ୍ତ୍ର ଯାଏ କଥା ଆସୁନାହିଁ। ଏ ବିଶ୍ୱାସରେ ବିଷ ଦେବା ବିଦ୍ୟାଧାରୀ ବିଦ୍ୟା। ଏ ପାଇଁ ପ୍ରଭୁ ଆସିବେ ତାଙ୍କର ନାମ ତ କଳକୀ କଳ ଓ କି। କି ଅର୍ଥ ଚାବି ଯାହା ଓଟିପିରେ ଟଙ୍କା ହଡ଼ପକୁ ଦମନକୁ ସେ ନିଶ୍ଚେ ଆସିବେ। ସବୁ କଳର ଚାବି ଏବେ ୩ୟ ପକ୍ଷ ହାତରୁ କେମିତି ଶାନ୍ତ ହେବ ଏ ସେ ପ୍ରଭୁଙ୍କ କମ ହେବ ଯେ ଭଗବାନଙ୍କ ଅବତାର ଆସିବେ ସେ ନିଶ୍ଚେ ବହୁ ଉଚ୍ଚଶିକ୍ଷିତ ଆଧୁନିକ ବିଦ୍ୟାରେ ସୂକ୍ଷ୍ମାତି ସୂକ୍ଷ୍ମଜ୍ଞାନୀ ହୋଇଥିବେ। ସେ ଏଇ ଚୋରୀର ସବୁ ସ୍ତରକୁ ରୋକି ନୂଆ ଥଇଥାନ କରିବେ। ଭଗବାନ ଚୋରଗଣ୍ୟ ପୁରୁଷ। ପୁରୁଣାଚୋରକୁ ଚୌକିଦାର ଚିହ୍ନେ ଏ ଉକ୍ତିକୁ ସେ ସାକାର କରିବେ। ଏହା ସତ୍ୟ ସତ୍ୟ ତ୍ରିବାର ସତ୍ୟ। ପୂର୍ଣ୍ଣ ଅବତାରଙ୍କ ସହିତ ବହୁ ଅଂଶାଶ ଅବତାର ବି ନିଶ୍ଚେ ଆସୁଛନ୍ତି। ଯେ ଚୋରୀ କରୁଛି ସେ ଜଣେ ମୋଟା ବୁଦ୍ଧିଆ ସେ ଚୋରୀର ଶେଷ ପରିଣତି କଣ ହୁଏ ଜାଣିନଥାଏ। ଏ ମୋଟା ବୁଦ୍ଧିଆଙ୍କୁ ସୂକ୍ଷ୍ମ ବୁଦ୍ଧିଆ ହିଁ ସନ୍ତାନ କରି ପାରିବେ। ଯେ ଅଂଶାଶ ଅବତାର ଏ ମୁଖ୍ୟ ଅବତାରଙ୍କ ମାର୍ଗରେ ଚାଳିତ ବ୍ୟକ୍ତି ସମୂହ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

# ନାଟକର ନାମ ଅବସାଦ

**ବିଭୁ ପ୍ରସାଦ ନାଥ**

ନାଟକ ର ନାମ ଅବସାଦ। ସ୍ଥାନ ମର୍ତ୍ତ୍ୟପୁର ଏବଂ ସମୟ ଠିକ୍ ବୟସ ର ଅପରାହ୍ନ। ନିର୍ଦ୍ଦେଶକ ସ୍ୱୟଂ ମୋହ, ମାୟା, ଗର୍ବ ଓ ଅହଙ୍କାର। ମଣିଷ ଜୀବନର ଚକଚକ୍ୟ ଓ ଉଚ୍ଚାଭିଳାସ ରେ ନିଜକୁ ଏତେ ଲିପ୍ତ ରଖେ ଯେ ସେ ନିଜର ପରିଧି ଓ ପରିସୀମା କୁ ଆକଳନ କରିପାରି ନଥାଏ। ଏ ଦୁନିଆ ରେ ଅନେକ ମାର୍ଗଦର୍ଶକ ଅଛନ୍ତି କିନ୍ତୁ ଜୀବନ ଅନୁଶୀଳନ ଓ ବ୍ୟକ୍ତିତ୍ୱ ପରୀକ୍ଷଣ ରେ ଅଧିକାଂଶ ବିଫଳ। ଜୀବନ ର ସଂଜ୍ଞା କୁ କିଏ କିଭଳି ଭାବରେ ଉପସ୍ଥାପନ କରେ ମୁଁ ଜାଣେନା କିନ୍ତୁ ମୁଁ ଏତିକି ଜାଣେ ପରିସ୍ଥିତିର ଆଳ ରେ ଜୀବନ ର ସଂଜ୍ଞା ଜନ୍ମ ନେଇଥାଏ। ଯାହା ଜୀବନ ରେ ସିଂହ ଭାଗ ସୁଖ ସେ କହିବ ଜୀବନ ଏତେ ବି ସଂଘର୍ଷମୟ ନୁହେଁ ଯାହା ଜୀବନ ରେ ଅନେକ ଦୁଃଖ ସେ କହିବ ଜୀବନ ଜିଇବା ଖୁବ୍ କଷ୍ଟସାଧ। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଜୀବନ ର ଅନୁଭୂତି ହିଁ ଜୀବନ ଜିଇବା ର କୌଶଳ କୁ ଜନ୍ମ ଦିଏ। କାହାର ଦିଗ୍ ଦର୍ଶନ ରେ ଯେ ଜୀବନ କୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିହେବ ତାହାକୁ ଭାବିବା ଭୁଲ୍। ଯଦି ଜୀବନ ମୋର ତେବେ ମୋ ଜୀବନ ର ପରିଧି, ସାମର୍ଥ ସମ୍ପର୍କେ ରେ ମୋ ଠାରୁ ଅଧିକ କେହି ବି ଜାଣି ପାରିବେ ନାହିଁ। ତେଣୁ ମୋ ଜୀବନ ରେ ଉଚ୍ଚ ଆଶା ଓ କାମନା ମୋ ସାମର୍ଥ ମଧ୍ୟରେ ରହିବା ଆବଶ୍ୟକ।

ଯଦି ଆମେ ସମସ୍ତେ ଜାଣିଛେ ଯେ ଜଣେ ମଣିଷ ଅନ୍ୟ ଏକ ମଣିଷ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ତେବେ ସମାନ ଲକ୍ଷ୍ୟ କୁ ଦୁଇ ଜଣ ଙ୍କୁ ପ୍ରଦାନ କରିବା କାହିଁକି ? ସାଧାରଣତଃ ଆମେ ସମସ୍ତେ ଏକ ପ୍ରକାର ପଦ ଓ ପଦବୀକୁ ଅଧିକ ପ୍ରାଧାନ୍ୟତା ଦେଇଥାଉ। ଯେଉଁଭଳି ପିଲା ଭଲ ପଢ଼ିଲେ ବିଜ୍ଞାନ ପଢ଼ାଇ ଡାକ୍ତର କି ଇଂଜିନିୟର କରିବା, ତା ଠାରୁ ଟିକେ କମ୍ ସ୍ତର ରେ ଥିଲେ ବାଣିଜ୍ୟ ପଢ଼େଇ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କରିବା, ତା ଠାରୁ କମ୍ ସ୍ତର ରେ ଥିଲେ କଳା ବିଭାଗ ରେ ପଢେଇ ଆଇଏସ କି ଓଏସ୍ ଟିଏ କରେଇ ଦେବା। ଆଜ୍ଞା ଏସବୁ ଛାଡିଲେ କଣ ଆଉ କିଛି ବି ପଦ ପଦବୀ ରେ ଆମେ ଆମ ପିଲାକୁ ରୋଜଗାରକ୍ଷମ କରେଇ ପାରିବା ନାହିଁ ? ଯଦି ହଁ ତେବେ ଆମେ ସମସ୍ତେ କାହିଁକି ମେଣ୍ଢା ଙ୍କ ପରେ ଏକ ଦିଗ ଏକ କ୍ରିୟା କରୁଛେ ମୁଁ ନିଜେ ବି ବୁଝି ପାରୁନାହିଁ।

ଆମେ ସମସ୍ତେ ଅବିଭାବକ ନାମରେ ଆଜି କଳଙ୍କ ପାଲଟି ସାରିଛନ୍ତି। ପିଲା ଟିର ଲାଳନ ପାଳନ କରୁଛେ ସତ କିନ୍ତୁ ପିଲା ର ଆଚାର ବ୍ୟବହାର ରୁ ଆମେ କେବେ ହେଲେ ସେମାନଙ୍କର ସାମର୍ଥ୍ୟ ମାପିବା ନିମନ୍ତେ ଚେଷ୍ଟା କରି ନାହାଁନ୍ତି। ବିଦ୍ୟାର୍ଥୀ ଜୀବନ ରେ ଅବସାଦ ଜୀବନ ନାଟକ ର ପ୍ରଥମ ଦୃଶ୍ୟ। ଏଥିରେ କିଏ ନାୟକ କିଏ ଖଳ ନାୟକ ସ୍ପଷ୍ଟ ବାରି ହେଉଥିଲେ ମଧ ନିଷ୍କର୍ଷ ଶୂନ୍ୟ। ଆମେ ସମସ୍ତେ ଜୀବନ ର ଗଭୀରତା କୁ ନ ବୁଝି କେବଳ କେତୋଟି ବଛା ବଛା ବିଷୟ ର ଜ୍ଞାତା ପାଲଟି ସାରିଛେ। ଜୀବନ ରେ ବୃତ୍ତି ବାହାରେ ବି ଏକ ଦୁନିଆ ରହିଛି ସେ ସମ୍ପର୍କ ରେ ଆମେ ଖୁବ୍ କମ୍ ଚିନ୍ତା କରିଥାନ୍ତି। ଜୀବନ ରେ ବୃତ୍ତି ତାହା ହେବା ଦରକାର୍ ଯେଉଁ ଦିଗରେ ଆମର ସର୍ବାଧିକ ରୁଚି ରହିଛି। ସେ ରୁଚି ର ପରୀକ୍ଷଣ କେବଳ ଶିକ୍ଷକ ହିଁ କରିପାରନ୍ତି। କିନ୍ତୁ ଆମେ ଅବିଭାବକ ସେଭଳି ମହାନୁଭବଙ୍କ ଠାରୁ ଅନେକ ଦୂର ରେ। ଆମେ ଆଜି ଶିକ୍ଷା କୁ ବାଣିଜ୍ୟ ର ଏକ ସ୍ରୋତ ଭାବରେ ବିବେଚନା କରି ସାରିଛେ। କିନ୍ତୁ ଗୁରୁ ଙ୍କ ମହତ୍ତ୍ୱ ଆଜି ମଧ ପୂର୍ବପରି ଅବସ୍ଥାପିତ ହୋଇ ରହିଛି।

ଜୀବନ ନାଟକ ର ଦ୍ୱିତୀୟ ଦୃଶ୍ୟ ବୃତ୍ତିଗତ ଜୀବନ ର ଆରମ୍ଭ ରେ ହୋଇଥାଏ। ଯେତେବେଳେ ଆମେ ଅନ୍ୟ ର ଆଶା କୁ ସାକାର କରିବାକୁ ଯାଇ ନିଜ ର ବୃତ୍ତି କୁ ବାଛିଥାଉ ସେତେବେଳେ ବୃତ୍ତି କୁ ଉପଭୋଗ କରିବାର ହାର କମିଯାଇଥାଏ। ଏହା ପରେ ସେ ପରିବେଶ ସହ ଖାପ ଖାଇବା ପାଇଁ ଆମେ ସଂଘର୍ଷ କରିଥାଉ ଏବଂ ବୃତ୍ତିଗତ ଜୀବନ ରେ ସଫଳତା ନ ମିଳିଲେ ଆମେ ଶେଷ ରେ ଅବସାଦଗ୍ରସ୍ତ ହୋଇଯାଉ। ବୃତ୍ତିଗତ ଜୀବନ ର ମଧ ଭାଗରେ ଦାମ୍ପତ୍ୟ ଜୀବନର ଅବସାଦ ଆମକୁ ବେଳେ ବେଳେ କଷ୍ଟ ଦେଇଥାଏ। ତେଣୁ ନାଟକ ର ତୃତୀୟ ଦୃଶ୍ୟ ଦାମ୍ପତ୍ୟ ଅବସାଦ। ଆଜି ର ଯୁବପିଢି ଦାମ୍ପତ୍ୟ ଜୀବନର ଅବସାଦ ଭିତରେ ବଞ୍ଚୁଥିବା ଦେଖିବାକୁ ମିଳେ। ଏହାର କାରଣ ହେଉଛି ଉଚିତ୍ ଜୀବନସାଥୀ ର ଅଭାବ ଓ ବୁଝାବଣା ର ଅଭାବ। ତେଣୁ ବୃତ୍ତିଗତ ଜୀବନ ରେ ଆପଣ ଯେତେ ସଫଳ ଥିଲେ ମଧ ଯଦି ଦାମ୍ପତ୍ୟ ସୁଖ ର ଅଭାବ ରହିଛି ସେଠି ସବୁକିଛି ଫିକା। ପରିବାର ରେ ସନ୍ତୁଳନ ବଜାୟ ରଖିବାକୁ ହେଲେ ଉଚିତ୍ ବୁଝାବଣା ଆବଶ୍ୟକ। ତେଣୁ ଦାମ୍ପତ୍ୟ ଜୀବନର ମହତ୍ତ୍ୱ ମଣିଷ ଜୀବନ ରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଯାହାର ପିଲାମାନେ ଯେତେ ସଫଳ ତାଙ୍କ ଅବିଭାବକ ମାନଙ୍କୁ ସମାଜ ରେ ଅଧିକ ସମ୍ମାନ ମିଳିଥାଏ। ଅବିଭାବକ ଜୀବନ ରେ ଅବସାଦ ମଧ ନାଟକ ର ଚତୁର୍ଥ ଦୃଶ୍ୟ। ପ୍ରତ୍ୟେକ ଅବିଭାବକ ନିଜ ପିଲା ମାନଙ୍କୁ ନିଜ ଇଚ୍ଛାରେ ସଫଳ ଦେଖିବାକୁ ଚାହାଁନ୍ତି,ଯେଉଁଠି ଜନ୍ମ ନିଏ ଅବସାଦ। ପିଲା ର ସାମର୍ଥ୍ୟ ଓ ରୁଚି କୁ ନ ବୁଝି ନିଜର ଆଶାକୁ ପିଲା ଉପରେ ଲଦି ଦେବା ଅଧିକାଂଶ ଅବିଭାବକ ଙ୍କ ପ୍ରକୃତି। ତେଣୁ ଅବସାଦ ର ଗନ୍ତାଘର କୁ ମଧ ନିଜର ଜୀବନ ନାଟକ ରେ ସ୍ଥାନ ଦେବା ଆଜି ର ସମୟ ରେ ସ୍ୱାଭାବିକ ହୋଇ ପଡିଛି। ଏହା ପରେ ଆସେ ଅବସର ଗ୍ରହଣ ପର ର ଅବସାଦ। ପିଲା ମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ, ପିଲାମାନେ ବାହାରେ ଚାକିରି କରୁଛନ୍ତି। ଘରେ କେବଳ ବୃଦ୍ଧ ବାପା ମା। କେହି ଆହା ପଦେ କହିବାକୁ ନାହାଁନ୍ତି। କିଛି ବର୍ଷ ପୂର୍ବେ ଯେଉଁ ପିଲା ମାନଙ୍କୁ ସଫଳ ଦେଖିବା ର ଆଶା ରେ ଏତେ ଅବସାଦ ରେ ଥିଲେ,ସେମାନେ ଆଜି ସଫଳ ତଥାପି ଆପଣ ଙ୍କ ଜୀବନ ଅବସାଦ ରେ।

ଜୀବନ ର ରଙ୍ଗୀନ ରଙ୍ଗମଞ୍ଚ ରେ କିଏ ନାୟକ କିଏ ଖଳନାୟକ, ତ କିଏ ଚରିତ୍ର ଅଭିନେତା ତଥାପି ଅବସାଦ ର ମାତ୍ରା ସମସ୍ତ ଙ୍କ ପାଇଁ ସମାନ। ଜୀବନ ନାଟକ ର ନାମ ସତରେ ଅବସାଦ, ସ୍ଥାନ ମର୍ତ୍ତ୍ୟପୁର ଓ ସମୟ ବୟସ ର ଅପରାହ୍ନ। କିଏ ଅବସାଦ ର ପ୍ରଭାବ କୁ ସମ୍ଭାଳି ପାରେ ତ କିଏ ସମ୍ଭାଳି ପାରେ ନାହିଁ। କିନ୍ତୁ ଜାଣି ରଖନ୍ତୁ "ଅବସାଦ" ମୋହ ଓ ଆଭିଜାତ୍ୟ ପ୍ରଦର୍ଶନ ର ଏକ ନକାରାତ୍ମକ ଉପହାର। ଯାହାକୁ ଆମେ ସମସ୍ତେ ଗ୍ରହଣ କରି ସାରିଛେ। ଆସନ୍ତୁ ଟିକେଟ ବିକ୍ରି ଚାଲିଛି ସ୍ଥାନ ମର୍ତ୍ତ୍ୟପୁର ସମୟ ବୟସ ର ଅପରାହ୍ନ ଓ ନାଟକ ର ନାମ ଅବସାଦ। ଖୁବ୍ ଶୀଘ୍ର ଟିକେଟ ନେଇଯାଆନ୍ତୁ। ଯଦି ଏହି ନାଟକ ରେ ରୁଚି ନଥାଏ ତେବେ ସାମର୍ଥ୍ୟ ବିହୀନ ଆଶାକୁ ପରିତ୍ୟାଗ କରି ବର୍ତ୍ତମାନ ଓ ନିକଟ ଭବିଷ୍ୟତ ରେ ହିଁ ନିଜ ଭାବନା କୁ ସିମୀତ ରଖନ୍ତୁ।

କେନ୍ଦ୍ରାପଡା, ମୋ:- ୭୮୫୫୯୭୯୭୨୦

# ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

**ସତ୍ୟ ମହାପାତ୍ର**

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୁରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୁରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦେଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କାର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିଙ୍କୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିକୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିଙ୍କର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ।

ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ଯାହା ଅନ୍ୟର ସାଧୀନତା ବା ଅଧିକାରକୁ ନଷ୍ଟ କରିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬



— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ହସିଲାଣି ଗାଆଁ ଭୂଇଁ...



ଶୀତର ଲହରୀ ବହୁଛି ରାଇଜେ
କମ୍ବଳ ହେଲାଣି ଖୋଜା
ଶୀତ ରାତି ପାଇଁ ରେଜେଇ ଚାଦର
ହୋଇଲାଣି ଘରେ ସଜା
ଟୋପି ମୋଜା ସୁଇଟର
ସଭିଂକ ଦେହରେ ଶୋଭା ପାଇଲାଣି
ଦେଖିବାକୁ ମନୋହର।
ଦିନ ନଇଁବାରୁ ବୁଢା ବୁଢୀ ଯେତେ
ହୋଇଲେଣି ଭୟଭୀତ
ପଖାଳ କଂସାକୁ ନଛୁଅଁନ୍ତି କେହି
ଖାଆନ୍ତି ଗରମ ଭାତ
ଉଷୁମ ପାଣିକୁ ପିଇ
ଦେହକୁ ଉଷୁମ ରଖୁଛନ୍ତି ଜନେ
ରୋଗ ନପାରଇ ଛୁଇଁ।
ଘାସ ଗାଲିଚାରେ କଅଁଳିଆ ଖରା
ଦିଶିଲାଣି ଝଲମଲ
ବାଡି ବଗିଚାରେ ଗେଣ୍ଡୁ ଓ ସେବତୀ
ହସିଲେଣି ହୋଇ ମେଳ
ହେଲା ଧାନ କଟା କଟି
ଗହୀର କ୍ଷେତରୁ ହଳା ଆଣି ଚାଷୀ
ଖଳାରେ ଦେଲା ସାଇତି।
ନଈପଠା ଧାରେ ହଳଦୀ ରଂଗରେ
ସୋରିଷ ଗାଇଲା ଗୀତ
କିଆ ଗୋହରିରେ ନିଆଁକୁ ଲଗେଇ
ସନିଆ କଲାଣି ନାଟ
କୋବି ମୂଳା ବିନ୍ ଛୁଇଁ
ପାଳଂଗ କୋଶଳା ନୀଳ ଧନିଆଁରେ
ହସିଲାଣି ଗାଆଁ ଭୂଇଁ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଗୋବିନ୍ଦ ଗାଆଁରେ ବହିମେଳା

ନଈସେପାରି ପାହାଡ ପାଖେ
ଛୋଟ ଗାଆଁଟି ଦିଶେ
ବଣ ଝରଣା ପାହାଡ ଧରି
ସେଇ ଗାଆଁଟି ହସେ ।।
ଗାଆଁର ମୁଣ୍ଡେ ଝରଣା ଝରେ
ତା ପାଖେ ଅଛି ତୋଟା
ତାଳ ଖଜୁରୀ ପଣସ ଆମ୍ବ
ତହିଁରେ ମୋଟା ମୋଟା ।।
ତୋଟା ପାଖରେ ପଡ଼ିଆଟିଏ
ଲମ୍ବିଛି ପାତି ଛାତି
ଖେଳନ୍ତି ଖେଳ ପିଲାଏ ମିଳି
ଆସିବା ଯାଏଁ ରାତି ।।
ସେଇ ପଡିଆ ଦିଶୁଛି ସଫା
ଚାଲିଛି ବହିମେଳା
ଆସିଲେ ସଞ୍ଜ ହୁଅନ୍ତି ଜମା
ପାଠକ ଭେଳା ଭେଳା ।।
ସେଇ ଗାଆଁର ପାଠୁଆ ପିଲା
ଗୋବିନ୍ଦ ତାର ନାଆଁ
ସେ ଭଲ ଚାଟପଢ଼ଇ ପାଠ
ମନଲଗେଇ ଛାଆଁ ।।
ବୋଉ ବାପାଠୁ ପଇସା ନେଇ
ଗୋବିନ୍ଦ ଯାଏ ମେଳା
ଆଦର କରି କିଣଇ ବହି
ଦେଖି ଆଲୋକ ମାଳା ।।
ବହି ଆଣିକି ପଢଇ ବସି
ଖୁସିରେ ପଢାଘରେ
ଅପାତ ଦେଖି ତା ଭଲକାମ
ଆଉଁସି ଗେଲକରେ ।।
ବହିର ଛବି ମନକୁ କିଣେ
ଗୋବିନ୍ଦ ରହେ ମଜି
ବହିର ଗୀତ ଗପ ଓ ପାଠ
ପଢାରେ ଯାଏ ହଜି ।।
ବହି ମେଳାର ସ୍ୱ ବହି ସେ
ପଢିଲା ଦେଇ ମନ
ପରୀକ୍ଷା ଦେଲା ପ୍ରଥମ ହେଲା
ମନତା ଛନ ଛନ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

# ଗର୍ବ ଖର୍ବ ହେଲା

ଥରେ ଶ୍ରୀକୃଷ୍ଣ ପତ୍ନୀ ରୁକ୍ମିଣୀଙ୍କ ସହିତ ପଶା ଖେଳୁଥିଲେ। ହଠାତ୍ ତାଙ୍କ ମୁହଁରେ ରହସ୍ୟମୟ ସ୍ମିତହସ ଦେଖି ରୁକ୍ମିଣୀ ପଚାରିଲେ - ପ୍ରଭୁ ! ହସିଲେ କାହିଁକି। ଶ୍ରୀକୃଷ୍ଣ କହିଲେ - ନାଇଁ ଏମିତି...ଆଜି କାହିଁକି ହନୁମାନ କଥା ବହୁତ ମନେ ପଡୁଚି। ରୁକ୍ମିଣୀ କହିଲେ - ହନୁମାନ ଆପଣଙ୍କ ପରମ ଭକ୍ତ। ତ୍ରେତୟା ଯୁଗରେ ଆପଣଙ୍କ ସନ୍ଦେଶ ନେଇ ଯାଇଥିବା ସମୟରେ ମୁଁ ତାକୁ ପୁତ୍ର ଭାବେ ଗ୍ରହଣ କରିଥିଲି। ମୋର ବି ହନୁମାନକୁ ଦେଖିବାକୁ ବହୁତ ଇଚ୍ଛା ହେଉଛି। ଆପଣ ତାଙ୍କୁ ସ୍ମରଣ କରନ୍ତୁନା। ଶ୍ରୀକୃଷ୍ଣ ପୁଣି ସ୍ମିତ ହସୁଥିବା ଦେଖି ରୁକ୍ମିଣୀ କହିଲେ - ହେ ପ୍ରଭୁ, ମୁଁ ଜାଣେ ଆପଣ ବିନା କାରଣରେ କେବେ ହେଲେ ହସନ୍ତି ନାହିଁ। ଆପଣ ଦୁଇଥର ହସିଲେଣି। କିଛି ଗୁଢ଼ ରହସ୍ୟ ଅଛି ନିଶ୍ଚୟ ..କୁହନ୍ତୁନା କଣ ସେ ରହସ୍ୟ। ଶ୍ରୀକୃଷ୍ଣ କହିଲେ - ମୋର ସୁଦର୍ଶନ ଚକ୍ର ଓ ବାହାନ ଗରୁଡ଼ ଉଭୟଙ୍କ ମନରେ ଗର୍ବଭାବ ଉଦ୍ରେକ ହୋଇଛି। ସୁଦର୍ଶନ ଭାବୁଚି - ମୁଁ ପ୍ରଭୁଙ୍କର ଶ୍ରେଷ୍ଠ ଅସ୍ତ୍ର। ମୋର ବିନା ସାହାଯ୍ୟରେ ସେ କାହାରିକୁ ସଂହାର କରି ପାରିବେନି। ମହାଭାରତ ଯୁଦ୍ଧରେ କେବଳ ମୁଁ ହିଁ ତ ପ୍ରଭୁଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ସଂହାର କରିଥିଲି !! ସେମିତି ଗରୁଡ଼ ଭାବୁଚି - ମୁଁ ସବୁଠୁଁ ଶକ୍ତିଶାଳୀ ବାହାନ.. ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଗର୍ଭରେ ଧାରଣ କରିଥିବା ସ୍ୱୟଂ ନାରାୟଣଙ୍କର ମୁଁ ବାହାନ। ମୋ ପିଠିରେ ବସି ପ୍ରଭୁ ଚତୁର୍ଦ୍ଦିଗ ବିଜେ କରନ୍ତି। ମୋ ବିନା ସାହାଯ୍ୟରେ ପ୍ରଭୁ କୁଆଡେ ଯିବା ସମ୍ଭବ ନୁହେଁ। ରୁକ୍ମିଣୀ କହିଲେ - ଆପଣ ତ କାହାରି ଗର୍ବ ସହି ପାରନ୍ତି ନାହିଁ। ସେଇଥି ପାଇଁ ବୋଧେ ହନୁମାନଙ୍କ କଥା ମନେ ପଡ଼ିଲା !! ଶ୍ରୀକୃଷ୍ଣ କହିଲେ - ଏବେ ଆମେ ଦୁହେଁ ରାମ ସୀତା ଭାବେ ରୂପାନ୍ତରିତ ହେବା ଆବଶ୍ୟକ। ହନୁମାନ ରାମ ସୀତା ଙ୍କୁ ଦେଖିବା ପାଇଁ ବ୍ୟାକୁଳ। ରାମ ଡାକୁଛନ୍ତି ଶୁଣିଲେ ସେ ତୁରନ୍ତ ଆସି ହାଜର ହେବ ।

ତାପରେ ଶ୍ରୀକୃଷ୍ଣ ଗରୁଡ଼କୁ ଡାକି କହିଲେ - ତମେ ଯାଅ , ହନୁମାନ କୁ ନେଇ ଆସିବ। କହିବ ରାମ ସୀତା ଡାକିଛନ୍ତି। ଗରୁଡ଼ କହିଲା - ଯାଉଚି ପ୍ରଭୁ। ସଙ୍ଗେସଙ୍ଗେ ନେଇ ଆସିବି। ଗରୁଡ଼ ଭାବିଲା - ବାସ୍ତବିକ୍ ମୁଁ ବହୁତ ଶକ୍ତି ଶାଳୀ। ନହେଲେ ଦ୍ୱାରକାରେ ଏତେ ବଡ଼ବଡ଼ ବୀର ଥାଉଥାଉ ପ୍ରଭୁ ହନୁକୁ ଆଣିବା ପାଇଁ ମୋତେ କାହିଁକି ପଠାଇଲେ। ତ୍ରେତୟା ଯୁଗରେ ହନୁମାନ ବଡ଼ ମଲ୍ଲ ଥିଲ। ଏବେ ତ ସେ ବୁଢା ହୋଇ ଯିବଣି। ସେ ବୁଢା ମାଙ୍କଡଟା ପାଇଁ ପ୍ରଭୁଙ୍କର ଏତେ ଆଗ୍ରହ କାହିଁକି ବୁଝି ହେଉ ନାହିଁ। ଯାହାହେଉ ପ୍ରଭୁଙ୍କର ଆଦେଶ .. ପାଳନ କରିବାକୁ ପଡ଼ିବ। ଯେମିତି ହେଲେ ତାକୁ ଆଣିବାକୁ ପଡ଼ିବ। ଯାଉ ଥିବା ସମୟରେ ତାର ତ୍ରେତୟା ଯୁଗର ଗୋଟିଏ ଘଟଣା ମନେ ପଡ଼ିଲା।

ଯୁଦ୍ଧରେ ଇନ୍ଦ୍ରଜିତ ରାମଲକ୍ଷଣଙ୍କୁ ନାଗଫାଶ ରେ ବନ୍ଧନ କରିଥିଲା। ଏଇ ଗରୁଡ଼ ହିଁ ସେମାନଙ୍କୁ ନାଗଫାଶରୁ ମୁକ୍ତ କରିଥିଲା। ପ୍ରଭୁ ଶ୍ରୀରାମଙ୍କ ନିର୍ଦ୍ଦେଶରେ ସ୍ୱର୍ଗରୁ ଅମୃତ ଆଣି ମୃତ ସୈନିକ ମାନଙ୍କୁ ପୁନର୍ଜୀବିତ କରିଥିଲା। ଶ୍ରୀରାମ ସନ୍ତୁଷ୍ଟ ହୋଇ ବରଦାନ କରିବାକୁ ଚାହିଁଲେ। ଗରୁଡ଼ ବିନମ୍ର ଭାବେ କହିଥିଲେ - ପ୍ରଭୁ ,ଆପଣ ଦ୍ୱାପର ଯୁଗରେ ଯୋଉ ଅବତାର ନେବେ ମୋତେ ସେହି ରୂପ ଦେଖାନ୍ତୁ। ଅନ୍ୟମାନେ ଯେପରି ସେହି ରୂପ ଦେଖି ନପାରନ୍ତି ; ସେଥି ପାଇଁ ଗରୁଡ଼ ବିରାଟ ରୂପ ଧାରଣ କରି ତାର ପକ୍ଷ ଭିତରେ ପ୍ରଭୁଙ୍କୁ ଲୁଚାଇ ରଖିଲା। ଭକ୍ତବତ୍ସଳ ଶ୍ରୀରାମ ଗରୁଡ଼ର ମନବାଞ୍ଛା ପୂରଣ କରିବାକୁ ଯାଇ ଶ୍ରୀକୃଷ୍ଣ ରୂପ ଧାରଣ କଲେ। ପ୍ରଭୁଙ୍କର ଦ୍ୱାପର ଯୁଗର ଦିବ୍ୟ ଦୁର୍ଲ୍ଲଭ ଅବତାରୀ ରୂପ ଦେଖି ପ୍ରଣିପାତ କରି ଗରୁଡ଼ କହିଲା - ନିସ୍ତରିଲି ପ୍ରଭୁ ନିସ୍ତରିଲି।

ସେପଟେ ପ୍ରଭୁ ଶ୍ରୀରାମଙ୍କୁ ନଦେଖି ସମସ୍ତେ ବ୍ୟସ୍ତ ହୋଇ ପଡିଲେ। ଯୁଦ୍ଧ ଭୂମିରେ ଆବିର୍ଭୁତ ବିରାଟ ପକ୍ଷ ମଧ୍ୟରେ କାଳେ ଶ୍ରୀରାମ ଥିବେ ବୋଲି ଭାବି ହନୁମାନ ପକ୍ଷ କଣା କରି ଭିତରକୁ ଆସି ଦେଖିଲା ପ୍ରଭୁ ଶ୍ରୀକୃଷ୍ଣଙ୍କୁ। ଉତ୍ୟକ୍ତ ହୋଇ ହନୁମାନ ପ୍ରଭୁ ଶ୍ରୀରାମଙ୍କୁ କୋଉଠି ଲୁଚାଇ ରଖିଚ ବୋଲି ଗରୁଡ଼କୁ ପ୍ରଶ୍ନ କଲା। ବିରକ୍ତ ହୋଇ ଗରୁଡ଼ ହନୁମାନକୁ ପାଦରେ ଆଡେଇ ଦେଲା। ଶହେ ହାତ ଦୂରକୁ ଛିଟିକି ଯାଇ ହନୁମାନ ଅଚେତ ହୋଇ ପଡ଼ିଲା।

ମନେ ମନେ ହସିଲା ଗରୁଡ଼ - ଇଏ ହେଲା ହନୁମାନ ବିରତ୍ୱର କାହାଣୀ !!! ସେତେବେଳେ ତାର ଅବସ୍ଥା ଏମିତି ହୋଇଥିଲା। ଏବେ ତ ସେ ବୁଢା ହୋଇଯାଇ ଥିବ। ଦୁର୍ବଳତା ହେତୁ ଚାଲି ପାରୁ ନଥିବ। କଣ କରିବା.. ପ୍ରଭୁଙ୍କ ଆଦେଶ। ଯେମିତି ହେଲେ ତାକୁ ଟେକିଟେକି ଆଣିବାକୁ ପଡ଼ିବ।

ହନୁମାନଙ୍କ ପାଖରେ ପହଞ୍ଚି ଗରୁଡ଼ ଦେଖିଲା ରାମ ସୀତାଙ୍କ ମୂର୍ତ୍ତି ଆଗରେ ବସି ସେ ନାମଜପ କରୁଛନ୍ତି। ବେଖାତିର ଭାବେ ଗରୁଡ଼ କହିଲା - ରାମ ସୀତା ତମକୁ ଡାକିଛନ୍ତି। ଶୀଘ୍ର ବାହାର ମୁଁ ତମକୁ ନେଇ ଯିବି। ହନୁମାନ କହିଲେ - ତମେ ଯାଅ। ମୁଁ ଟିକିଏ ପରେ ଯାଉଚି। ବିଦ୍ରୁପ କରି ଗରୁଡ଼ କହିଲେ - ଏକେ ତ ଦୁର୍ବଳ...ପୁଣି ବୁଢା। କେମିତି ଯିବ। କେବେ ପହଞ୍ଚିବ । ଆସ ଆସ ବସ ମୋ ଉପରେ। ମୁଁ ସାଙ୍ଗେ ସାଙ୍ଗେ ତୁମକୁ ପ୍ରଭୁଙ୍କ ପାଖରେ ପହଞ୍ଚାଇ ଦେବି। ହନୁମାନ କିଛି ନକହି ଗରୁଡ଼କୁ କାଖ ତଳେ ଯାକି ଶୁନ୍ୟରେ ଉଡିବାକୁ ଲାଗିଲା।

ହନୁମାନ ଦ୍ୱାରିକାରେ ପହଞ୍ଚି ଦେଖିଲେ ଦ୍ୱାର ଦେଶରେ ସୁଦର୍ଶନ ଚକ୍ର ପ୍ରହରା ଦେଉଚି। ଭିତରକୁ ଯିବାକୁ କହିବାରୁ ସୁଦର୍ଶନ କହିଲା - ପ୍ରଭୁଙ୍କର ଆଦେଶ ଭିତରକୁ କେହି ଯାଇ ପାରିବେନି। ଶୀଘ୍ର ପଳାଅ,ନହେଲେ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେବି। ହନୁମାନ ହାତ ବଢ଼ାଇ ସୁଦର୍ଶନକୁ ଧରି ନେଲେ। ତତକ୍ଷଣାତ୍ ସୁଦର୍ଶନ ତାଙ୍କ ହାତରେ ବଳା ହୋଇ ରହିଗଲା। ଭିତରକୁ ଯାଇ ରାମ ସୀତାଙ୍କୁ ଦର୍ଶନ କରି ସାଷ୍ଟିଙ୍ଗ ପ୍ରଣିପାତ କଲେ। ଭକ୍ତି ଗଦ୍ ଗଦ କଣ୍ଠରେ କହିଲେ - ପ୍ରଭୁ ଏତେ ଦିନ ପରେ ଏ ଅକିଞ୍ଚନଭକ୍ତକୁ ଦେଖା ଦେଲେ। ମୋ ଜୀବନ କୃତାର୍ଥ ହୋଇଗଲା। ତାପରେ ହାତଯୋଡି ନମ୍ର ଭାବେ କହିଲେ - ପ୍ରଭୁ, ମୋତେ ଡାକିବାର ଅଭିପ୍ରାୟ କଣ। କି ସେବା କରିବି ଆଦେଶ କରନ୍ତୁ। ପ୍ରଭୁ କହିଲେ - ନାଇଁ ଏମିତି ତମକୁ ଦେଖିବାକୁ ଇଚ୍ଛା ହେଲା। ବହୁ ଦିନ ହେଲା ଦେଖି ନଥିଲି ତ। ହନୁମାନ ବିଦାୟ ନେବାକୁ ଅନୁମତି ମାଗିଲେ। ପ୍ରଭୁ କହିଲେ ଯିବା ପୂର୍ବରୁ ମୋ ବାହାନ ଆଉ ଅସ୍ତ୍ର କୁ ମୁକ୍ତ କରି ଦିଅ।

ହନୁମାନଙ୍କ ଠାରୁ ମୁକ୍ତି ପାଇ ଗରୁଡ଼ ଆଉ ସୁଦର୍ଶନ ଦୁହେଁ ମଥାନତ କରି କହିଲେ - ପ୍ରଭୁ ଆମର ଭୁଲ ପାଇଁ ଆମେ ଲଜ୍ଜିତ। ଅଯଥାରେ ଗର୍ବ କଲୁ। ଫଳ ବି ଭୋଗିଲୁ।ଆମର ଗର୍ବ ଖର୍ବ କରିଥିବାରୁ ଆପଣଙ୍କୁ କୋଟି କୋଟି ପ୍ରଣାମ !!!!

*ସନ୍ତୋଷ ମିଶ୍ର*
*ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ*
*ଉଦଳା, ମୟୂରଭଞ୍ଜ*
*ମୋ:ନୋ: -୭୦୦୮୨୩୭୬୫୦*

## ସରିଆସୁଛି ହେମନ୍ତ

କାର୍ତ୍ତିକକୁ ନେଇ
ଆସିଥିଲା ଧାଇଁ
ମରତକୁ ଦିନେ ହେମନ୍ତ
କାର୍ତ୍ତିକର ଅନ୍ତେ
କାର୍ତ୍ତିକ ଫେରନ୍ତେ
ମଗୁଶିର ଉପଗତ ।
ପ୍ରତି ଗୁରୁବାରେ
ବସେ ଘରେ ଘରେ
ଧାନ ପୂର୍ଣ୍ଣ ଥାଇ ମାଣ
ଲକ୍ଷ୍ମୀଙ୍କ ପ୍ରତୀକ
ଧନର ସଂକେତ
ପୂଜା ଘରେ ଶୋହେ ଧାନ ।
ମଗୁଶିର ମାସ
ଲକ୍ଷ୍ମୀଙ୍କର ମାସ
ଗୁରୁବାରେ ଲକ୍ଷ୍ମୀ ପୂଜା
ଦିନକ ଆଗରୁ
ଘର ଲିପାପୋଛା
ପୂଜା ପାଇଁ ସାଜସଜା ।
ଝୋଟି ଚିତା ଶୋହେ
ଝୋଟି ମନ ମୋହେ
ଘର ଭିତରେ ବାହାରେ
ପାହାନ୍ତା ପହରୁ
ମାଆଙ୍କର ପୂଜା
ହୁଳହୁଳି ସାଥେ ସରେ ।
ଶ୍ରେଷ୍ଠ ଗୁରୁବାର
ମାସ ମଗୁଶିର
ଲକ୍ଷ୍ମୀମାଆଙ୍କର ବାର
ମାଆଙ୍କୁ ପୂଜିଲେ
ଭକ୍ତି ସହକାରେ
ଧନ ଧାନ୍ୟେ ପୂରେ ପୁର ।
କାକର ସାଥିରେ
କୁହୁଡ଼ି ଘେରରେ
ଆସିଥିଲାଟି ହେମନ୍ତ
କାକର କୁହୁଡ଼ି
ଧରା ପରେ ଛାଡ଼ି
ଯିବ ଫେରି ଥୋଇ ଶୀତ ।
ହେମନ୍ତ ହିଁ ଆଣେ
ଏଇ ଧରା ଧାମେ
ଶୀତକୁ କାନ୍ଧେ କାନ୍ଧେଇ
ହେମନ୍ତ ଫେରିଲେ
ଶୀତ ଆସିଗଲେ
ଶୀତ ଯାଏ ଛୁଇଁ ଛୁଇଁ ।

*ଧ୍ରୁବ ଚରଣ ଘିବେଲା*
*ବଉଦରାଜ, ଜି. ବୌଦ୍ଧ*
*ମୋ.୯୪୩୭୪୭୮୪୬୬*



## ହେମନ୍ତ ପରିକା କିଏ ହୋଇବ

ଧୀରେଧୀରେ ସରେ ଋତୁ ହେମନ୍ତ
କହିଲ ପିଲାଏ ଲାଗେ କେମନ୍ତ ?
କୁତୁକୁତୁ ଲାଗୁଥାଏ ଯେମନ୍ତ
ହେମନ୍ତ ଋତୁଟା ଲାଗେ ତେମନ୍ତ ।

କାର୍ତ୍ତିକ , ମାରଗଶିର ନେଇକି
ନୂଆନୂଆ କରି ଶୀତ ଦେଇକି ।
ଉଷୁମ ଜଳକୁ ନିତି ପେଇକି
ହେମନ୍ତ ନାଚିଲା ଥେଇଥେଇକି ।

ହେମନ୍ତ ହେମାଳ ସାଥେ ଆଣିକି
ଭୟ ଜନ୍ମାଇଲା ଥଣ୍ଡା ପାଣିକି ।
କୁହୁଡି ଚାଦର ଦେହେ ଟାଣିକି
ହେମନ୍ତ ଚାଲିଲା ମୁହଁ ହାଣିକି ।

ଆମରି ମନରେ ଭରି ଗରବ
ହେମନ୍ତ ଆଣିଲା ନାନା ପରବ ।
ଲୋଡ଼ା ହେଲା ପୂଜା ପାଇଁ ଦରବ
ପାଳନ କରିଲେ ଲୋକେ ସରବ ।

ହେମନ୍ତ ଋତୁରେ କର ଧରମ
କରୁଥାଅ ସଦା ଭଲ କରମ ।
ବିନୟେ କହିବା ଭାଷା ନରମ
ମାନି ଚଳୁଥିବା ଲାଜ ସରମ ।

ହେମନ୍ତେ ହେମାଳ ବାୟୁ ବହିବ
ଯେତେ ଥଣ୍ଡା ଲାଗୁ ସବୁ ସହିବ ।
ସହିବା ଶକତି ହୃଦେ ରହିବ
ସହନ କରିବା କଥା କହିବ ।

ହେମନ୍ତେ ଲକ୍ଷ୍ମୀଙ୍କ କୃପା ଝରିବ
ଗରିବର ଦୁଃଖ ନିଶ୍ଚେ ହରିବ ।
ହେମନ୍ତ ମହତ କାମ କରିବ
ଭୋକରେ କେହି ନ ଜଣେ ମରିବ ।

ହେମନ୍ତ ପରିକା କିଏ ହୋଇବ
ସଭିଙ୍କ ମନରୁ ପାପ ଧୋଇବ ।
ଭୋଜିଭାତ କରି ପେଟେ ଖୋଇବ
ଲମ୍ବା ରାତି ଦେବ ତୁମେ ଶୋଇବ ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ- ୯୯୩୮୭୪୧୫୮୩

# ।। ଅପୂର୍ବ ତା’ ଅବଦାନ ।।

ଗୋଟେ ଗୁଣ୍ଡୁଚିମୂଷା ସମୁଦ୍ର କୂଳରେ ଥିବା ନଡ଼ିଆ ଗଛ ଉପରକୁ ଡେଇଁ ଡେଇଁ ଚଢିଯାଉଥାଏ ପୁଣି କିଛିକ୍ଷଣ ମଧ୍ୟରେ ତଳକୁ ଓହ୍ଲେଇ ଆସି ବାଲିରେ ଖେଳୁଥାଏ ।ଯେତେବଡ଼ ଗୁଣ୍ଡୁଚି ସେତେବଡ଼ ଲାଙ୍ଗୁଡ଼ ତା’ର ।ଏବେ ଏଇଠି ଅଛି ପରମୁହୂର୍ତ୍ତରେ ଅନ୍ୟ କୋଉଠି ! ବାନର ସେନା ଲଙ୍କା ଗଡ଼ରେ ପହଞ୍ଚିବାକୁ ସମୁଦ୍ରରେ ବନ୍ଧ ବାନ୍ଧୁ ଥା’ନ୍ତି ।ସମୁଦ୍ର କୂଳ ବାନରମାନଙ୍କ କୋଳାହଳରେ ପ୍ରକମ୍ପିତ ହେଉ ଥାଏ ।ହଜାର ହଜାର ସଂଖ୍ୟାର ବାନର ବଡ଼ ବଡ଼ ପଥର ଉଠେଇ ଆଣି ସମୁଦ୍ର ପାଣିରେ ପକାଉଥା’ନ୍ତି ।ସେତୁବନ୍ଧର ନିର୍ମାଣ ନଳ-ନୀଳଙ୍କ ତତ୍ତ୍ୱାବଧାନରେ ହେଉଥାଏ ।ସେ ଦୁହେଁ ପଥରକୁ ଛୁଇଁବା ମାତ୍ରେ ତାହା ଭାସମାନ ଅବସ୍ଥାରେ ସ୍ଥାପତ୍ୟ ଜାହିର କରୁଥାଏ ।ଅନ୍ୟ କେତେକ ବାନର ଭାସମାନ ପଥରକୁ ଯୋଡି ଯୋଡି ବନ୍ଧର ପ୍ରସାରଣକୁ ସୁଦୀର୍ଘ କରିବାରେ ଲାଗିଥା’ନ୍ତି। ଗୁଣ୍ଡୁଚିମୂଷା ସମୁଦ୍ର କୂଳରେ ବାନରମାନଙ୍କର କୋଳାହଳକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଲା ।ମନେ ମନେ କହି ହେଉଥାଏ-ଆରେ ଏ ବାନରମାନେ ସମୁଦ୍ର ଉପରେ ବନ୍ଧ କଣପାଇଁ ବାନ୍ଧୁଛନ୍ତି ?କାହିଁ ପୂର୍ବରୁ ତ ମୁଁ କେବେ ଏଭଳି ଦୃଶ୍ୟ ଦେଖିନାହିଁ। କ୍ରମଶଃ ଗୋଧୂଳି ପାଖେଇ ଆସିଲା ।ଦିନ ତମାମ କାମ କରି ଥକି ପଡିଥିବା ବାନରମାନେ ବିଶ୍ରାମ ନେବାପାଇଁ ଗଛତଳେ ବସିଗଲେ। ଗୁଣ୍ଡୁଚି ମନରେ ଅସରନ୍ତି ଉତ୍କଣ୍ଠା ।ରାତ୍ରିର ପ୍ରଥମ ପ୍ରହରରେ ସେ ଡେଇଁ ଡେଇଁ ଯାଇ ଜଣେ ବାନର ପାଖେ ପହଞ୍ଚିଗଲା ।ବାନର ଗଛର ଗଣ୍ଡିରେ ଆଶ୍ରୟ ନେଇ ଘୁମେଇ ପଡିଥାଏ ।ପାଦ ନିକଟରେ କାହାର ସ୍ପର୍ଶକୁ ଅନୁଭବ କରି ହଠାତ୍ ତା’ ଆଖି ଖୋଲିଗଲା ।ସେ ଅନଭିଜ୍ଞ ଅବସ୍ଥାରେ ଭାବିଥାଏ ବୋଧହୁଏ କେହି ସରୀସୃପ ହୋଇଥିବ ! କିନ୍ତୁ ସମ୍ମୁଖରେ ଗୋଟେ ଛୋଟ ଗୁଣ୍ଡୁଚିମୂଷାକୁ ଦେଖି ମନର ସଂଶୟ ଦୂରୀଭୂତ କରି ପଚାରିଲା-କିରେ ଗୁଣ୍ଡୁଚି ! ତୋ ବୁଦ୍ଧି ବଣା ହେଲାଣି କି ? ଜାଣୁ ତୋତେ ଫୁଙ୍କିଦେବି ତ ଉଡ଼ିଯାଇ ସମୁଦ୍ର ମଝିରେ ପଡ଼ିବୁ। ଗୁଣ୍ଡୁଚିମୂଷା ବିନମ୍ର ହୋଇ କହିଲା-ଭାଇ ! ମୁଁ ତୁମର କିଛି ଅନିଷ୍ଟ କରିବାକୁ ଆସିନାହିଁ ।ମନରେ ଏକ ଜିଜ୍ଞାସା ନେଇ ଆସିଛି। ବାନର ପୁଣି ପଚାରିଲା- କଣ କହିବୁ କହ ? ଗୁଣ୍ଡୁଚି ପଚାରିଲା-ଭାଇ ! ଏଠି ସମୁଦ୍ର ଉପରେ ବନ୍ଧ କଣପାଇଁ ବନ୍ଧା ହେଉଛି ? ଗୁଣ୍ଡୁଚିମୂଷା ବେକ ସଳଖି ସମୁଦ୍ରକୁ ଇଶାରା କରିବା ଦେଖି ବାନର ହସି ହସି କହିଲା-ଆରେ ତୁ କିଛି ଜନିନାହୁଁ କିରେ ? ଗୁଣ୍ଡୁଚି ବେକକୁ ସ୍ୱାଭାବିକ ଅବସ୍ଥାକୁ ଆଣିସାରି ପଚାରିଲା-କି କଥା ଭାଇ ? ବାନର କହିଲା-ଅଯୋଧ୍ୟାର ରାଜକୁମାର ଶ୍ରୀରାମଙ୍କ ନାଁ ଶୁଣିଛୁ କି ନାହିଁ ? ତାଙ୍କ ପତ୍ନୀ ମା’ ସୀତାଙ୍କୁ ରାକ୍ଷସ ରାବଣ ଛଳ କରି ଚୋରାଇ ନେଇ ଲଙ୍କାଗଡରେ ବନ୍ଦୀକରି ରଖିଛି। ପ୍ରଭୁ ଶ୍ରୀରାମଙ୍କ ଆଦେଶରେ ଲଙ୍କାଗଡରେ ପହଞ୍ଚିବା ଲାଗି ସମୁଦ୍ରରେ ବନ୍ଧ ବନ୍ଧା ହେଉଛି ।ସେଇବେଳେ ଅନ୍ୟ ଗୋଟେ ବାନର ସେଠାରେ ପହଞ୍ଚି କହିଲା-ଏଇ ଦେଖ ! ଆଗରେ ସେଇ ପଥର ଉପରେ ଶ୍ରୀରାମ ଓ ତାଙ୍କ ଭାଇ ଲକ୍ଷ୍ମଣ ବସିଛନ୍ତି।

ଗୁଣ୍ଡୁଚିମୂଷା ମୁଣ୍ଡ ଉଠେଇ ଦେଖିଲା ଫର୍ଚ୍ଚା ଜହ୍ନ ଆଲୁଅରେ ସତକୁସତ ଦୁଇଜଣ ସୁନ୍ଦର ସୁଶିଳ ରାଜକୁମାର ସମୁଦ୍ର କୂଳରେ ପଡିଥିବା ପଥର ଚଟାଣରେ ବସିଛନ୍ତି ।ଜଣେ ଶ୍ୟାମଳ ଅନ୍ୟଜଣେ ଗୋରା ।ରାମ-ଲକ୍ଷ୍ମଣଙ୍କୁ ମନ ଭରି ଦେଖିବାପାଇଁ ଗୁଣ୍ଡୁଚି ଦୁହିଙ୍କ ନିକଟକୁ ଗଲା। ଅଦୂରରେ ରହି ଦୁହିଙ୍କୁ ଆଖି ପୂରେଇ ଦେଖିବା ପରେ ନଡିଆ ଗଛ ବାହୁଙ୍ଗା ସନ୍ଧିରେ ଥିବା ନିଜ ବସାକୁ ଫେରି ଆସିଲା।

ସେଦିନ ରାତିରେ ସେ ଠିକ୍ ଭାବେ ଶୋଇପାରି ନାହିଁ ।ରାତିସାରା ପ୍ରଭୁ ଶ୍ରୀରାମ ଓ ମା’ ସୀତାଙ୍କ ବିଷୟରେ ଭାବି ଭାବି ଆଖିରୁ ଲୁହ ଗଡେଇଛି ।ମନେ ମନେ କେତେ ପ୍ରକାର କଳ୍ପନା ଜଳ୍ପନା କରି ମା’ ସୀତାଙ୍କର ଠାବ କରିବାକୁ ସଂକଳ୍ପ କରିଛି। ସକାଳ ହେବା କ୍ଷଣି ହଠାତ୍ ତା’ କାନପାଖେ ଯେମିତି କେହି କହିଦେଲା-ତୁ ସେତୁବନ୍ଧ ନିର୍ମାଣରେ ସହାୟତା କରିପାରିବୁ ! ନିଶ୍ଚୟ ପାରିବୁ ।ମନରେ ଦୃଢ଼ ସଂକଳ୍ପ କରି ଅବିଳମ୍ବେ ସେ ସମୁଦ୍ର କୂଳରେ ପହଞ୍ଚିଗଲା। ସେତୁବନ୍ଧ ନିର୍ମାଣ କାର୍ଯ୍ୟ ନଳ-ନୀଳ ଓ ବାନରମାନଙ୍କ ତତ୍ତ୍ୱାବଧାନରେ ଆଗକୁ ବଢି ଚାଲିଥାଏ ।ବନ୍ଧରେ ବିଶାଳ ପଥର ଖଣ୍ଡ ସବୁ ଯୋଡ଼ା ଚାଲିଥାଏ। ଗୁଣ୍ଡୁଚି ଦେଖିଲା ଯେଉଁସବୁ ପଥର ଯୋଡ଼ା ହେଉଛି ଦୁଇଟି ପଥର ମଧ୍ୟରେ ରିକ୍ତ ସ୍ଥାନ ରହିଯାଉଛି ।ମନେ ମନେ ସେ ବିଚାର କଲା-ଆରେ..ମୁଁ ତ ଏ ପଥର ମଝିରେ ରହୁଥିବା ରିକ୍ତ ସ୍ଥାନକୁ ଅଚିରେ ଭରି ପାରିବି ।ଯାହାଦ୍ୱାରା ବନ୍ଧ ଉପରେ ଲଙ୍କାଗଡ଼କୁ ଯିବାପାଇଁ ସହଜ ସୁବିଧା ହେବ ।ଏହା ଭାବୁ ଭାବୁ ଆଖି ପିଛୁଳାକେ ସେ ଦୌଡ଼ିଯାଇ ସମୁଦ୍ରର ଅଥଳ ଜଳ ରାଶିରେ ବୁଡ଼ ମାରି ଉଠିଆସିଲା ।ଦେଖୁ ଦେଖୁ ସମୁଦ୍ର କୂଳର ପ୍ରଶସ୍ତ ବାଲି ଉପରେ ଦୁଇ ଚାରି ଥର ଲୋଟିଯାଇ ସଂପୂର୍ଣ୍ଣ ଶରୀରକୁ ବାଲିମୟ କରିଦେଲା ।କ୍ରମଶଃ ଧୀରେ ଧୀରେ ସେତୁବନ୍ଧ ଉପରକୁ ଯାଇ ଦୁଇଟି ପଥର ମଝିରେ ଥିବା ରିକ୍ତ ସ୍ଥାନରେ ଝାଡ଼ି ହେଲା ।ପୁଣିଥରେ ସମୁଦ୍ରରେ ବୁଡ଼ ମାରି ବାଲିରେ ଲୋଟିଲା। ଏମିତି ବାରମ୍ବାର ଦିନ ତମାମ କରିଚାଲିଲା। କେବେ କେବେ ବାନରଙ୍କ ପାଦ ଚାପରୁ ତାକୁ ସତର୍କ ରହିବାକୁ ପଡୁଥାଏ। ପୁଣି କେବେ ବଡ଼ ବଡ଼ ପଥର ସମୁଦ୍ରରେ ପଡିବା ବେଳେ ଉଛୁଳି ପଡୁଥିବା ପାଣିରେ କେତେଦୂର ଭାସି ଯାଉ ଯାଉ ଉଦ୍ଧାର ହୋଇଛି ।ତା’ ଶରୀରରେ ଥକା ନଥାଏ କି ମନରେ ଗ୍ଲାନି ନଥାଏ ।ଅନବରତ ନିଜ ସଂକଳ୍ପ ପଥରେ ଦୃଢ଼ୀଭୂତ ହୋଇ ସେତୁବନ୍ଧ ନିର୍ମାଣରେ ସହାୟତା କରି ଚାଲିଥାଏ ।ଦିନ ଭରି କାମ କରିବା ପରେ ଥକି ପଡିଥିବା ଅବଶ ଶରୀରକୁ ନଡ଼ିଆ ଗଛରେ ବାନ୍ଧିଥିବା ବସାରେ ଲୋଟେଇଦିଏ ।ପ୍ରତିଦିନ ସେ ରାମ-ଲକ୍ଷ୍ମଣ-ସୀତାଙ୍କୁ ସ୍ୱପ୍ନରେ ଦେଖେ।

ଦିନେ ହନୁମାନ ଗୁଣ୍ଡୁଚିର ସମର୍ପଣ କର୍ମ ତତ୍ପରତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ବାଲିମୟ ଶରୀରକୁ ପଥରର ରିକ୍ତ ସ୍ଥାନରେ ଝାଡୁଥିବା ବେଳେ ତାକୁ ପଚାରିଲେ-ଆରେ !ତୁ ଏଠି କଣ କରୁଛୁ ?

ଗୁଣ୍ଡୁଚି ମୁଣ୍ଡ ସଳଖି ଦେଖିଲା ବିରାଟକାୟ ବାନର ତା’ ସମ୍ମୁଖରେ ଛିଡା ହୋଇଛନ୍ତି। ଅନୁମାନ କରି ଜାଣିପାରିଲା ଇଏ ନିଶ୍ଚୟ ଶ୍ରୀରାମଙ୍କର ଭକ୍ତ ହନୁମାନ ହୋଇଥିବେ। ସଙ୍ଗେ ସଙ୍ଗେ ଆଗ ଦୁଇଗୋଡ଼ ଯୋଡି କହିଲା-ମୁଁ ଗୋଟେ ଛୋଟ ଜୀବ ଆଜ୍ଞା ।ପଥର ମଝିରେ ରହିଥିବା ରିକ୍ତ ସ୍ଥାନରେ ବାଲି ପୂରେଇ ସେତୁବନ୍ଧ ନିର୍ମାଣ ରେ ସାହାଯ୍ୟ କରୁଛି। ତା’ଠାରୁ ଏଭଳି କଥା ଶୁଣି ହନୁମାନଙ୍କ ଆଖି ଲୁହରେ ଛଳ ଛଳ ହୋଇଉଠିଲା ।ସେ ତାକୁ ଆଦରରେ ନିଜ ପାପୁଲିରେ ବସେଇ ରାମ-ଲକ୍ଷ୍ମଣଙ୍କ ନିକଟକୁ ନେଇଗଲେ ।ପ୍ରଭୁ ଶ୍ରୀରାମ ହନୁମାନଙ୍କଠାରୁ ତା’ ନିଷ୍ଠା ଓ ଶ୍ରମ ବିଷୟରେ ଶୁଣିଲେ। ଗୁଣ୍ଡୁଚିର ସମର୍ପଣରେ ସେ ମଧ୍ୟ ଅଭିଭୂତ ହୋଇ ପଡିଲେ। ଛୋଟ ଏକ ଜୀବ ସେ ଯେ ଏତେବଡ଼ ମହାନ୍ କାର୍ଯ୍ୟ କରିପାରିବ ତାଙ୍କର ଧାରଣା ନଥିଲା ।ତୁରନ୍ତ ସେ ହନୁମାନଙ୍କ ହାତରୁ ଗୁଣ୍ଡୁଚିକୁ ଧରି ସ୍ନେହର ସ୍ପର୍ଶ ଦେଇ ତା’ ପିଠିରେ ଆଙ୍ଗୁଳି ଚଳାଇଲେ। ଆକସ୍ମିକ ଗୁଣ୍ଡୁଚିର ପାଉଁଶିଆ ଲୋମଶ ପିଠିରେ ଆଙ୍ଗୁଳିର କଳା ରେଖା ସ୍ପଷ୍ଟ ହୋଇଗଲା। ପ୍ରଭୁଙ୍କ ସ୍ନେହ ସ୍ପର୍ଶରେ ଗୁଣ୍ଡୁଚିମୂଷାର ପିଠିରେ ସେହିଦିନରୁ ତିନୋଟି କଳା ଗାର ହୋଇ ରହିଲା।

*ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି-୭୪, ସେକ୍ଟର-୧,ସଲ୍ଟ ଲେକ୍, କଲକତା-୬୪, ମୋ-୯୬୮୧୩୭୩୫୧୨*



## କୃଷକ ଭାଇରେ କୃଷକ ଭାଇ

କୃଷକ ଭାଇରେ କୃଷକ ଭାଇ
ନିତିଦିନ ଖଟୁ କ୍ଷେତରେ ଯାଇ
ବାସି ପଖାଳକୁ ଖାଇ
ସକାଳୁ ଯାଉତୁ ହଳ ଲଙ୍ଗଳକୁ ନେଇ ।
ଝଡି ବରଷାକୁ ନାହିଁ ତୋ ଡର
ବାଆ ବତାସକୁ ନାହିଁ ଖାତିର୍
କାଦୁଅ ପାଣିରେ ବସି
ଖେଳୁଆ ପକାଉ ଗୀତ ଗାଇ ହସିହସି ।
ମୁଣ୍ଡ ଝାଳ ନିତି ତୁଣ୍ଡରେ ମାରି
ଯାଇଥାଉ ନିତି କାମତୁ କରି
ଅଢେଇ ପହରେ ଫେରି
ବସି ଯାଇଥାଉ କ୍ଷଣଟେ ନିଃଶ୍ୱାସ ମାରି ।
ପାଣି କାଦୁଅରେ ତୁ ସରସର
ହେଉ ଖରା ବର୍ଷା ଶୀତ କାକର
ରକତ ନିଗାଡି ଦେଇ
କାମ କରିଥାଉ ମାଟି ସାଥେ ମାଟି ହେଇ ।
ବହିଲେ ଧରାରେ ବରଷା ଧାରା
ପଖିଆ ମୁଣ୍ଡେଇ ଯାଉ ତୁ ପରା
ହିଡମୁଣ୍ଡେ ବସିଥାଉ
ଫସଲକୁ ଚାହିଁ ଈଶ୍ୱରଙ୍କୁ ଡ଼ାକୁଥାଉ ।
ପୂଜା କରିଥାଉ ମାଟି ମାଆକୁ
ସୁନାର ଫସଲ ଭରିଦେବାକୁ
ସବୁ ସୁଖ ଭୁଲି ଯାଇ
ଦୁଃଖ ସହି ମୁଖେ ହସ ଦେଉ ତୁ ଫୁଟେଇ ।
ହୋଇଥାଏ ଯେବେ ଧୋଇ ମରୁଡି
କାନ୍ଦିଥାଉ ବସି ଲୁହ ନିଗାଡି
ପାଇଥାଉ ଭାରି ଦୁଃଖ
ଭାଙ୍ଗି ପଡ଼ିଥାଉ ଦିଶେ ନାହିଁ ହସମୁଖ ।
କୃଷକ ଭାଇ ତୁ ଆମର ମିତ
କରିଥାଉ ପରା ଜଗତ ହିତ
ସବୁରି ଉଦର ଭରୁ
ଝାଟିମାଟି ଘରେ ଖୁସିରେ ଜୀବନ ସାରୁ ।
ସୁନାର ଫସଲ ଗଲେଟି ପାଚି
ମନ ଯାଉଥାଏ ଆନନ୍ଦେ ନାଚି
ତରତରେ କାଟିଦେଉ
ଅମଳ କରିଣ ଋଣ ସ୍ୱ ସୁଝିଥାଉ ।

*ନଳିନୀ ଦାଶ, ଭିକାରିପଡା, ଶରଣକୁଳ,*
*ନୟାଗଡ଼,ମୋ- ୯୨୩୮୯୯୭୬୪୯*

## ଅକଲ ମକଲ ଟକଲ ଟିଆଁ

ଅକଲ ମକଲ ଟକଲ ଟିଆଁ
ଗେଣ୍ଡୁମାଳ ପିନ୍ଧି ଶୀତ ମାଉସୀଟା
ଚାରିଆଡେ ଏବେ ମାରୁଛି ଡିଆଁ ।
ମାଉସୀ ତାହାର ଝାଡୁଛି କାନି
ଶୀତ ଲହରୀ ଟା ତା ଯୋଗୁ ଆସିଣ
ରାତିରେ ନାଚଇ ତାଧିନି ଧିନି ।
ଦିନଟା ସଅଳ ଯାଏ ଟି ସରି
ବଡ଼ ରାତି ପୁଣି ଶୀତର ପ୍ରକୋପ
ବେଳ କୁ ବେଳ ବଢି ଯାଏ ଭାରି ।
ଶିଶିର ଆକାଶୁ ପଡ଼ଇ ଝରି
ଘାସ ପତରରେ ଲାଗି ମନେ ହୁଏ
ସତେ ଅବା ମୁକୁତା ବିନ୍ଦୁ ପରି ।
ସକାଳୁ କୁହୁଡି ର ରୂପ ଦେଖି
ସମୁଦ୍ରର ଭ୍ରମ ସୃଷ୍ଟି କରି ସିଏ
ମନକୁ ତା ସଙ୍ଗେ ଦିଅଇ ଯୋଖି ।
କଅଁଳ ସୂରୁଯ କିରଣ ଛୁଆଁ
ପାଇବାକୁ ପ୍ରାତଃ ଭ୍ରମଣେ ଯାଆନ୍ତି
ସହର ହେଉ କି କି ଅବା ଗାଆଁ ।
କି ସୁନ୍ଦର ଦିଶେ ସୋରିଷ କ୍ଷେତ
ଶୀତଳ ପବନ ବାଜି ତା ଦେହରେ
ସୁନା ର ଲହଡ଼ି ଉଡ଼ାଏ ସେତ ।
ସୁନାର ଫସଲ ଦେଖିଣ ତାର
କୃଷକ ମନରେ ଯେ ଆନନ୍ଦ ଉଠେ
ତୁଳନା କି କେବେ ଥାଏଟି ତାର ।
ତଟକା ପନିପରିବା ର ହାଟ
ଶୀତଟା ବସାଏ ଦେଖିଲେ ମନଟା
କିଣିବାକୁ ପରା ଖୋଜଇ ବାଟ ।
ଶୀତଟା ଅଟଇ ଆମର ମିତ
ମନ ଆନନ୍ଦରେ ତା ଆଗମନକୁ
ସ୍ୱାଗତ କରିବା ଗାଇଣ ଗୀତ ।
ଅକଲ ମକଲ ଟକଲ ଟିଆଁ
ପରିବେଶ ସନ୍ତୁଳନ ରଖିବାକୁ
ଶୀତ ତାର ଆସଇ ଛାଆଁ ଛାଆଁ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ହଜି ଯାଉଅଛି

ହଜି ଯାଉ ଅଛି ଦାଣ୍ଡ ବୁଲା ବୁଲି
ଗାଆଁ ଗହଳିର ଖେଳ
ପୁଆ ଡାବୁଲି ଓ ବାଟି ବହୂଚୋରି
ଆଦି କେତେ ଖେଳ ବେଳ ।
ହଜି ଯାଏ କୂଅ ପୋଖରୀ ଗାଧୁଆ
ପାଣିରେ ପହଁରା ଶିଖା
ବିନା ସାର ଦିଆ ପନିପରିବାର
ହାଟେ ନେଇ କିଣା ବିକା ।
ହଜି ଯାଉ ଅଛି ମିଳିମିଶି ଖିଆ
ଏକାଠି ବସିବା ନୀତି
ତଳେ ବସି କେହି ଖାଇଲେ କହନ୍ତି
ପୁରୁଣା କାଳିଆ ରୀତି ।
ହଜି ଯାଉ ଅଛି ଦାଦା ଖୁଡି ଅପା
ମଉସା ମାଉସୀ ଡାକ
ଗାଆଁରେ ଏପରି ସମ୍ପର୍କେ ଚଳିବା
କମି ଯାଏ ସବୁ ଯାକ ।
ହଜି ଯାଉ ଅଛି ମାମୁଘର ବୁଲା
ଅଜା ଆଇ ମାଇଁ ଶ୍ରଦ୍ଧା
ମାମୁଁ ମାଇଁଙ୍କର ଆଦର ଶରଧା
କମି ଯାଇ ଅଛି ଅଧା ।
ଆମରି ସଂସ୍କୃତି ଆମ ପରମ୍ପରା
ଭୁଲି ଯାଉଛନ୍ତି ଆମେ
ଏସବୁ କିପରି ଧରି ରଖି ହେବ
ଦେଖାଇବା ଆମେ କାମେ ।

*ମିଶ୍ର କଲୋନୀ*
*ଶାଳ ପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

## ବଡ଼ ଆମ ମାତୃଭାଷା

ଭଲପାଅ ଯଦି ମାତୃଭାଷାକୁରେ
ସେଥିରେ ତ କଥା କୁହ
ନିଜ ମାତୃଭାଷା ସାଥେ ଅନ୍ୟ ଭାଷା
ଶିଖିବାଟି ମନ୍ଦ ନୁହଁ।
ମାତୃଭାଷାଟିରେ ଲେଖି ଜାଣିଛକି
ଯଦି ପଚାରଇ କିଏ
ଥଙ୍ଗମଙ୍ଗ ହୁଅ ,ତୁମ ଭାଷା ପ୍ରୀତି
ଇଏ ତ ଜଣେଇ ଦିଏ।
ଇଂରାଜୀ ଭାଷାଟି ହୋଇପାରେ ବଡ଼
ଭଲ ପରା ହିନ୍ଦୀ ଭାଷା
ଉଚ୍ଚ ହେବା ପାଇଁ କର ଯଦି ଇଚ୍ଛା
ଉଚ୍ଚ କର ମାତୃଭାଷା।
ସେଥିରେ ରହିଛି କେତେ ସବୁ ଭରି
ଯାଅ ଆବିଷ୍କାର କରି
ମାଆ, ମାଟି ପରି ମାତୃଭାଷା ଆମ
କିଏ ନୁହେଁ ତାର ସରି।
ଇଏ ତ ପାଇଛି ଶାସ୍ତ୍ରୀୟ ମାନ୍ୟତା
ଯିବାନି ଭୁଲି ଏ କଥା
କେତେ ଗ୍ରନ୍ଥ ଆମ ଭାଷାର ଭଣ୍ଡାର
ପଢିଲେ ଘୂରଇ ମଥା।
ଆମେରେ ଓଡ଼ିଆ ଭାଷା ଯେ ଓଡ଼ିଆ
ଓଡ଼ିଶାରେ ଆମ ଘର
ମାତୃଭାଷା ବଡ଼ ସିଏରେ ଉନ୍ନତ
ଭାବିଛକି ଗୋଟେ ଥର।

*ନୀଳମଣି ଚାନ୍ଦ*
*୨୭, ମନ୍ତ୍ର ମାନୋର,*
*ଗୋଠପାଟଣା*
*ଭୁବନେଶ୍ୱର-୨୯,*
*ମୋ:୯୫୮୩୨୦୨୩୫୭*

## ପଠାଣି ସାମନ୍ତ

ଓଡ଼ିଶାର ତୁମେ ଗର୍ବ ଗଉରବ
ଓଡ଼ିଆ ମଉଡମଣି
ତୁମ କୀର୍ତ୍ତିରାଜି କୋଟି ହୃଦୟକୁ
ସହଜେ ପାରିଛି ଜିଣି ।।
ଉତ୍କଳ ମାଟିର ବରପୁତ୍ର ତୁମେ
ଧନ୍ୟ ତୁମ ପରାକାଷ୍ଠା
ସାଧନା ସିଦ୍ଧିରେ ମହିମା ମଣ୍ଡିତ
ଅସାମାନ୍ୟ ତୁମ ନିଷ୍ଠା ।।
ଧନ୍ୟ ତୁମ ସୃଷ୍ଟି ସିଦ୍ଧାନ୍ତ ଦର୍ପଣ
ଉତ୍କଳକୁ ଉପହାର
ପ୍ରଜ୍ଞା ପାରିଧିରେ ଅମରତ୍ୱ ପ୍ରାପ୍ତି
ଲଭିଛ ହେ ରୂପକାର ।।
ଧନ୍ୟ ଏଇ ମାଟି ଧରିଥିଲା କୋଳେ
ଯୋଗଜନ୍ମା ପୁଅଟିଏ
ଆଦର୍ଶ ଯାହାର ଚିର ସମୁଜ୍ଜ୍ୱଳ
ପଠାଣି ସାମନ୍ତ ସିଏ ।।
ପୁଣ୍ୟ ଭୂମି ପରେ ଆସିଥିଲ ତୁମେ
ବାଗ୍ମୀତାର ବାର୍ତ୍ତା ନେଇ
ଫେରି ଯାଇଅଛ ଅମର ଲଗ୍ନରେ
ହୋଇଅଛ କାଳଜୟୀ ।।
ତେର ଡିସେମ୍ବର ସ୍ୱନକ୍ଷତ୍ର ତୁମ
ଆହେ ଉତ୍କଳ ନନ୍ଦନ
ଶ୍ରଦ୍ଧା ସୁମନର ଅଞ୍ଜଳି ଅର୍ପଣେ
କରୁ ତବ ଯଶ ଗାନ ।।

*ଆଦ୍ୟାଶା ମହାପାତ୍ର*
*ନୂଆପଡ଼ା, କଟକ*

ମାତୃଭାଷା



## ବୟୋଜ୍ୟେଷ୍ଠ ମୁରବୀ ଦେବୁନ କିଶୋରଙ୍କ ପରଲୋକ



**କଟକ:** ଗତ ମଙ୍ଗଳବାର ଦିନ ଚାନ୍ଦିନୀଚୌକ ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବୀ ଦେବୁନ କିଶୋର ଦାସ (ମହନ୍ତ)ଙ୍କ ପରଲୋକ ହୋଇଛି । ସେ ଜଣେ ମିଷ୍ଟଭାଷୀ ଓ ସମାଜସେବୀ ଥିଲେ । ଓଡ଼ିଶା ପୋଲିସ ଏକ୍ସାଇଜ୍ ବିଭାଗରେ ସେ କନଷ୍ଟେବଳ ରୂପେ ଦୀର୍ଘଦିନ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ପଣ୍ଡୁଆ ମଠ, ଦରଜୀ ସାହି, ଚାନ୍ଦିନୀଚୌକ ମଠାଧୀଶଙ୍କ ଅନୁମୋଦନ କ୍ରମେ ଉକ୍ତ ମଠଟିକୁ ପରିଚାଳନା କରୁଥିଲେ । ଭାଗବତ ଗାଦିର ବାର୍ଷିକ ଯଜ୍ଞ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଦୀର୍ଘବର୍ଷ ଧରି ସୁପରିଚାଳନା କରୁଥିଲେ । ବାର୍ଦ୍ଧକ୍ୟଜନିତ ରୋଗ କାରଣରୁ ସେ ଏକ ଘରୋଇ ହସ୍ପିଟାଲରେ ଏକ ସପ୍ତାହରୁ ଅଧିକ ସମୟ ଧରି ଚିକିତ୍ସିତ ହେବାପରେ ଶେଷରେ ଗତ ୧୦ ତାରିଖ ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ତାଙ୍କର ପରଲୋକ ହୋଇଥିଲା ।

ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ସାହିର ସମସ୍ତ ମୁରବୀ ଉପସ୍ଥିତ ଥିଲେ । ତାଙ୍କର ଅନ୍ତିମ ସଂସ୍କାର କଟକସ୍ଥିତ ସତୀଚୌରାଠାରେ ସମାପ୍ତ ହୋଇଥିଲା । ଜ୍ୟେଷ୍ଠପୁତ୍ର ଦିଲ୍ଲୀପ କିଶୋର ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଚାନ୍ଦିନୀଚୌକରେ ଶୋକର ଛାୟା ଖେଳିଯାଇଛି ।

## ପ୍ରେମିକାଙ୍କ ସହ ରାସଲୀଳା କରୁଥିଲେ ପୁଲିସ୍ ବାବୁ; ଦେଖିନେଲେ ପତ୍ନୀ

**କନ୍ଧମାଳ:** ପତ୍ନୀ, ପିଲା ଓ ପୂରା ପରିବାର ଅଛନ୍ତି । ତଥାପି ରସିକିଆ ପୁଲିସ୍‌ବାବୁ ଥାନା ବାରାକରେ ପ୍ରେମିକାଙ୍କ ସହ କରୁଥିଲେ ରାସ ଲୀଳା ! ଦେଖିନେଲେ ପତ୍ନୀ । ଚୋରା ପିରତି ଧରା ପଡ଼ିବା ପରେ ଅଭଦ୍ର ଭାଷାରେ ଗାଳି ଦେଇ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ । ଏପରି ଅଭିଯୋଗ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳରୁ ଆସିଛି । ପୁଲିସ୍‌ବାବୁଙ୍କ ନାଁରେ ନିଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ । ନ୍ୟାୟ ପାଇଁ ଦାବି କରୁଛନ୍ତି ।

କୋଟଗଡ଼ ଥାନା ସୁବର୍ଣ୍ଣଗିରି ଫାଣ୍ଡି ଅଧିକାରୀ ହେଉଛନ୍ତି କୁବେର ଦିଗାଳ । ସେ ବିବାହିତ । ତାଙ୍କର ପତ୍ନୀ ଓ ପିଲାପିଲି ରହିଛନ୍ତି । ପୂରା ପରିବାର ଗାଁରେ ରହୁଥିବା ବେଳେ ଥାନାବାବୁ କୋଟଗଡ଼ ଥାନା ବାରାକର ଉପର ମହଲାରେ ରହୁଥିଲେ । ଅଭିଯୋଗ ହେଉଛି, ପୂରା ପରିବାର ଥିବା ସତ୍ତ୍ୱେ ରସିକିଆ ଥାନାବାବୁ କୁଆଡ଼େ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ । ଯେଉଁଥିପାଇଁ ପତ୍ନୀ ଓ ପରିବାର ଲୋକଙ୍କୁ ନାନା ନିର୍ଯାତନା ଦେଉଥିଲେ । ଅନେକ ସମୟରେ ମାଡ଼ ମାରୁଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି । ପିଲାଙ୍କ ପାଇଁ ସବୁ ସହି

**ଏପରି ଅଭିଯୋଗ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳରୁ ଆସିଛି । ପୁଲିସ୍‌ବାବୁଙ୍କ ନାଁରେ ନିଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ । ନ୍ୟାୟ ପାଇଁ ଦାବି କରୁଛନ୍ତି ।**

ଯାଉଥିଲେ ପ୍ରାଣପ୍ରିୟା । ହେଲେ ନିର୍ଯାତନାର କାରଣ ଜାଣିପାରୁନଥିଲେ କୁବେରଙ୍କ ପତ୍ନୀ ।

ଅଭିଯୋଗ ଅନୁସାରେ ଗତ ୯ ତାରିଖରେ କୁବେରଙ୍କ ଦେଖା କରିବା ପାଇଁ ପୂରା ପରିବାର କୋଟଗଡ଼ ଆସିଥିଲେ । ସେତେବେଳେ




ଥାନାରେ ବାବୁ ନଥିଲେ । ତେଣୁ ବାରାକର ଉପର ମହଲାକୁ ଯାଇଥିଲେ । କବାଟ ବାଡ଼େଇ ଥିଲେ । ଶବ୍ଦ ଶୁଣି କବାଟ ଖୋଲିଥିଲେ କୁବେର । ସେତେବେଳେ ତାଙ୍କ ଶରୀରରେ ଲୁଗା ନଥିଲା । ଏପରିକି ତାଙ୍କ ସହ ସେହି ଘରେ ଥିବା ଜଣେ ଯୁବତୀ ପୂରା ଉଲ୍ଲଗ୍ନ ଅବସ୍ଥାରେ ଥିବା ପୂରା ପରିବାର ଦେଖିଥିବା ଅଭିଯୋଗ ହୋଇଛି ।

ଘର ଭିତରେ ଥିବା ଯୁବତୀ କିଏ ବୋଲି ପଚାରିବାରୁ କୁବେର ବାବୁ ଅଭଦ୍ର ଭାଷାରେ ଗାଳି ଦେଇଥିଲେ । ଏପରିକି ଛୁରୀରେ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ । ଯେଉଁଥିପାଇଁ ଜୀବନ ବିକଳରେ କୁବେରଙ୍କ ପତ୍ନୀ ଓ ପରିବାର ଲୋକ ଦୌଡ଼ି ପଳାଇ ଯାଇଥିଲେ । ଏହା ସୁଯୋଗ ନେଇ କୁବେର ଓ ତାଙ୍କ ପ୍ରେମିକା ବାରାକର ଉପର ମହଲାରୁ ଦୌଡ଼ି ପଳାଇ ଯାଇଥିବା ବେଳେ ଥାନା କର୍ମଚାରୀମାନେ ସେମାନଙ୍କୁ କାବୁ କରିନେଇଥିବା ତାଙ୍କ ପତ୍ନୀ ଏଫ୍ଆଇଆରରେ ଏନେଇ ଉଲ୍ଲେଖ କରିଛନ୍ତି ।

ସବ୍ ଇନ୍ସପେକ୍ଟର କୁବେର ଦିଗାଲଙ୍କ ପତ୍ନୀ ଆଜି ଥାନାରେ ଅଭିଯୋଗ କରିଛନ୍ତି । ଥାନାରେ ଅସଭ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତି(ସ୍ୱାମୀ)ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏଥିସହ ନ୍ୟାୟ ପାଇଁ ଥାନା ଅଧିକାରୀଙ୍କ ନିକଟରେ ଗୁହାରି କରିଛନ୍ତି ।

## ସ୍ମାର୍ଟ ଇଣ୍ଡିଆ ହାକାଥନର ଗ୍ରାଣ୍ଡ୍ ଫାଇନାଲ୍ ଉଦଘାଟିତ

**ଭୁବନେଶ୍ୱର(ପିଆଇବି):** ମାନ୍ୟବର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସ୍ମାର୍ଟ ଇଣ୍ଡିଆ ହାକାଥନର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ୍ ଆଜି ଉଦଘାଟିତ ହୋଇଛି । ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର, ୫୧ଟି

**• ଆଇଆଇଟି ଭୁବନେଶ୍ୱରରେ ସଫ୍ଟୱେର୍ ସଂସ୍କରଣର ଆୟୋଜନ**

**• ୧୮୦ ଜଣ ଅଂଶଗ୍ରହଣକାରୀଙ୍କ ସହିତ ୨୬ଟି ଟିମ୍ ୫ଟି ସମସ୍ୟା ବିବୃତ୍ତି ପାଇଁ ସମାଧାନ ଖୋଜିବା ନିମନ୍ତେ ତତ୍ପର**

ଅନୁଷ୍ଠାନ ମଧ୍ୟରେ ଏକ ନୋଡାଲ୍ ଏଜେନ୍ସି ଭାବରେ ଉଦ୍ଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ହେଉଛି ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯାହାକି କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଆନୁକୂଲ୍ୟରେ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଏବଂ ଏଆଇସିଟିଇ ଦ୍ୱାରା ଆୟୋଜିତ ହେଉଛି ।

ଦେଶବ୍ୟାପୀ ଉଦ୍ଘାଟନ ପୂର୍ବରୁ, ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକରଙ୍କ ଦ୍ୱାରା ସ୍ଥାନୀୟ ଭାବେ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଥିଲା । ଏହି ଅବସରରେ, ସହକାରୀ ଇନୋଭେସନ୍ ନିର୍ଦ୍ଦେଶକ, ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍ ଶ୍ରୀ ଦୀପନ ସାହୁ; ଡିନ୍ (ଛାତ୍ର ବ୍ୟାପାର), ଆଇଆଇଟି ଭୁବନେଶ୍ୱର ପ୍ରଫେସର ରାଜେଶ ରୋଶନ ଦାଶ; ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ; ଆଇଆଇଟି ଭୁବନେଶ୍ୱର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ଉଦ୍ୟାନର ସିଇଓ ଡକ୍ଟର ଶୁଭଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଫେସର କରମଲକର ତାଙ୍କ ମୁଖ୍ୟ ଅଭିଭାଷଣରେ ଯେ କୌଣସି କ୍ଷେତ୍ରରେ ସଫଳତା ପାଇଁ ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାକାରୀ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରିଥିଲେ । "ଏହି ପରି ହାକାଥନ୍ ଛାତ୍ରମାନଙ୍କୁ ଏହି କୌଶଳ ହାସଲ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କୁ ସେମାନଙ୍କର ବୃତ୍ତିଗତ ଜୀବନରେ ଏବଂ ବାସ୍ତବ ଜୀବନର ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମ ଆୟୋଜନ କରି ଆଇଆଇଟି ଭୁବନେଶ୍ୱର ଏକାଡେମୀ, ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀ ମାନସିକତାକୁ ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି ।' ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଆଇଆଇଟି ଭୁବନେଶ୍ୱର ଏହାର ସ୍ନାତକ ଏବଂ ପିଏଚଡି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପାଠ୍ୟକ୍ରମ ମାଧ୍ୟମରେ ଉଦ୍ୟୋଗର



ଚିନ୍ତାଧାରା ସହିତ ପରିଚିତ କରାଉଛି । ଏହା ଛାତ୍ରମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଉପଯୁକ୍ତ ସମସ୍ୟା ବାଛିବାରେ ସକ୍ଷମ କରିବ ଯାହାର ସମାଧାନ ବ୍ୟବସାୟିକରଣ ପାଇଁ ସୁବିଧାଜନକ ହେବ । ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଜ୍ଞାନର ଉତ୍ପାଦନ ଭଳି ଧନ ଉତ୍ପାଦନ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଭଳି ପଦକ୍ଷେପ ଦ୍ୱାରା ଏହା ସମ୍ଭବପର ହୋଇପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ ।

ଏହି ଅବସରରେ ଶ୍ରୀ ଦୀପନ୍ ସାହୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ମହତ୍ତ୍ୱ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଆଇଆଇଟି ଭୁବନେଶ୍ୱର ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ସଫ୍ଟୱେର୍ ସଂସ୍କରଣ ଆୟୋଜନ କରୁଛି । ଆଗାମୀ ୩୬ ଘଣ୍ଟା ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଏହି ମେଗା ଇଭେଣ୍ଟରେ ୧୮୦ ଟି ଅଂଶଗ୍ରହଣକାରୀଙ୍କ ସହ ଦେଶର ୨୬ ଟି ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ମାନସିକତା ସୃଷ୍ଟି କରିବା ଏବଂ ସେମାନଙ୍କୁ ବାସ୍ତବ ଜୀବନର ସମସ୍ୟାର ଅନୁସନ୍ଧାନ କରିବା, ସହଯୋଗୀ ମନୋବୃତ୍ତିରେ ଦଳବଦ୍ଧ ଭାବେ କାର୍ଯ୍ୟ କରିବା ଏବଂ ଟେକ୍ନୋଲୋଜି ସାହାଯ୍ୟରେ ସମାଧାନ ବାହାର କରିବା ପାଇଁ ତତ୍ପର ହେବା ।

କାର୍ଯ୍ୟକ୍ରମର ଆରମ୍ଭରେ ଡକ୍ଟର ଶୁଭଙ୍କର ପତି ଅତିଥିବୃନ୍ଦ ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ । ସେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ବିଷୟରେ ପରିଚୟ ଦେଇଥିଲେ । ପ୍ରଫେସର ରାଜେଶ ରୋଶନ ଦାଶ ତାଙ୍କ ଅଭିଭାଷଣରେ ଛାତ୍ରମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାକୁ ତଥା ସମସ୍ୟାର ସମାଧାନ ପାଇଁ ଅଭିନବ ଉପାୟ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଯୋଗ ଦେଇ ଶ୍ରୀ ବାମଦେବ ଆଚାର୍ଯ୍ୟ ଗବେଷଣା ଏବଂ ନବସୃଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି ଯେ ଏହି ପରି ଘଟଣା ଛାତ୍ରଛାତ୍ରୀମାନଙ୍କୁ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ଭଳି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ।

ଦେଶର ବିଭିନ୍ନ ପ୍ରାନ୍ତରୁ ୨୬ ଟି ଟିମ୍ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି ଏବଂ ଆଗାମୀ ୩୬ ଘଣ୍ଟା ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବେ । ଏହି ଦଳଗୁଡିକ ପାଞ୍ଚଟି ଜଟିଳ ସମସ୍ୟା ବିବୃତ୍ତି ପାଇଁ ଅଭିନବ ସମାଧାନର ବିକାଶ ପାଇଁ ଏକ ଉଚ୍ଚ-ଷ୍ଟକ୍ ଚ୍ୟାଲେଞ୍ଜରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ସମସ୍ୟା ବିବୃତ୍ତିଗୁଡ଼ିକ ହେଉଛି: 'ନିରନ୍ତରତା ପାଇଁ ନବାଚର: ଘରୋଇ ଉପକରଣ (ରେଫ୍ରିଜରେଟର, ଏୟାର କଣ୍ଡିସନର, ୱାଶିଂ ମେସିନ୍ ଏବଂ ମରୁଭୂମି ଏୟାର କୁଲ୍) ରେ ସ୍ମାର୍ଟ ରିସୋର୍ସ ସଂରକ୍ଷଣ (ଶକ୍ତି ଏବଂ ଜଳ) ; ଟେଲିଗ୍ରାମ, ହ୍ୱାଟ୍ସଆପ୍ ଏବଂ ଇନଷ୍ଟାଗ୍ରାମ ଭିତ୍ତିକ ଡ୍ରଗ୍ କାରବାର ପଛରେ ବ୍ୟବହାରକାରୀଙ୍କୁ ଚିହ୍ନଟ କରିବା ପାଇଁ ସଫ୍ଟୱେର୍ ସମାଧାନ; ଏକ କ୍ରିପ୍ଟୋକରେନ୍ସି କାରବାରର ଶେଷ ରିସିଭର୍ ଚିହ୍ନଟ କରିବାକୁ ସଫ୍ଟୱେର୍ ସମାଧାନ; ରିଅଲ୍-ଟାଇମ୍ ବିପର୍ଯ୍ୟୟ ସୂଚନା ଏକୀକରଣ ସଫ୍ଟୱେର୍; ଉନ୍ନତ ଉତ୍ପାଦନ ଏବଂ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଏଆଇ/ଏମଏଲ କିମ୍ବା କୌଣସି ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଆଲୁମିନିୟମ୍ ୱାୟର ରଡର ଭୌତିକ ଗୁଣର ଭବିଷ୍ୟ ଆକଳନ ଆଦି । ସେମାନଙ୍କୁ ଏନଡିଆରଏଫ, ଏନସିବି, ଏମଓଇ-ଇନୋଭେସନ ସେଲ, ଗୋଦରେଜ ଏବଂ ନାଲକୋ ର ମୂଲ୍ୟାଙ୍କନକାରୀମାନେ ବିଚାର କରିବେ ।

## ବୈତରଣୀ ନଦୀରେ ଭାସୁଛି ପଥର

**ଧାମନଗର(ମାନିସ):** ଧାମନଗର ବ୍ଲକ ଦେହୁଡିଆନନ୍ଦପୁର ପଞ୍ଚାୟତ ମାଲନାପୁର ନିକଟ ବୈତରଣୀ ନଦୀ ଗର୍ଭରୁ ଏକ ବିରଳ ପଥର ମିଳିଛି । ମାଲନାପୁର ଗ୍ରାମର କିଛି ଯୁବକ ନଦୀରେ ଗାଧୋଉଥିବା ସମୟରେ ବାଲିରେ ପୋତି ହୋଇ ଥିବା ପଥର । ଯୁବକ ମାନେ ଉକ୍ତ ପଥର ଟିକୁ କାଢି ପାଣିରେ ପକେଇଲେ ତାହା ପାଣିରେ ଭାସୁଛି । ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରୁ ଲୋକ ଉକ୍ତ ପଥରକୁ ଦେଖିବା ପାଇଁ ଆସୁଛନ୍ତି । ଲୋକେ କହୁଛନ୍ତି କଳିଯୁଗରେ ମିଳିଲା ତ୍ରେତୟା ଯୁଗର ରାମ ସେତୁର ପଥର । ଯାହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଲାଗିଛି ଭିଡ । ସେ ଏମିତି ସେମିତି ପଥର ନୁହେଁ ତ୍ରେତୟା ଯୁଗର ରାମ ସେତୁ ପଥର ଭଳି ପାଣିରେ ଭାସୁଛି । ଏଇ ପଥର ଟିକୁ ଯେତେଥର ପାଣିରେ ପକାଇଲେ ସେ ଭାସି ଉଠୁଛି । ଏଇ ପଥର ଟିର ଓଜନ ୩ କିଲୋ ୮୦୦ ଗ୍ରାମର । ସାଧାରଣତଃ ପଥର ପାଣିରେ ପଡିଲେ ବୁଡିଯାଏ ହେଲେ ଏଇ ପଥର ସମ୍ପୂର୍ଣ୍ଣ ଭାସୁଛି । ଉକ୍ତ ପଥରକୁ ସ୍ଥାନୀୟ ଲୋକମାନେ ମନ୍ଦିରରେ ରଖିଥିବା ବେଳେ ଲୋକଙ୍କ ଭିଡ ଜମୁଛି । ପୂର୍ବରୁ ଏଇ ବୈତରଣୀ ନଦୀ ପଠା ରୁ ଭଗ୍ନ ଶିବ ଲିଙ୍ଗ, ନିକଟ ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ନିକଟ ବୈତରଣୀ ନଦୀ ଗର୍ଭରୁ ଅନେକ ବୌଦ୍ଧ ମୁର୍ତ୍ତି ମଧ୍ୟ ଉଧାର ହୋଇ ନିକଟରେ ସଗ୍ରାହାଳୟ ରେ ରଖାଯାଇଛି । ତେବେ ଏ ପଥର କେଉଁଠୁ ଓ କେମିତି ଆସିଲା ତାକୁ ନେଇ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଚି ।



## ଇଣ୍ଡିଆ ଏଆଇ ମିଶନର ୭ ଖମ୍ବ ଉପରେ କେନ୍ଦ୍ର ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ (ପିଆଇବି):** ଲୋକସଭାରେ ଏଆଇ ପ୍ରଶାସନ ଓ ବିକାଶ ସମ୍ପର୍କରେ ସଂସଦୀୟ ପ୍ରଶ୍ନର ଉତର ଦେଇ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଆଇ ପ୍ରଯୁକ୍ତି ବିଦ୍ୟାର ସାର୍ବଜନୀକରଣ ଉପରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସାତଟି ଖମ୍ବ ଉପରେ ପର୍ଯ୍ୟବସିତ ଇଣ୍ଡିଆ ଏଆଇ ମିଶନର ରୂପାନ୍ତରିତ ପ୍ରଭାବ ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସଂସଦୀୟ ପ୍ରଶ୍ନର ଉତର ଦେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ୮.୬ ଲକ୍ଷ ପ୍ରାର୍ଥୀ ଫ୍ୟୁଚର ସ୍କିଲସ ପ୍ଲାଟର୍ଫମ ଲାଗି ନିଜ ନାଁ ଲେଖେଇଛନ୍ତି । ଟାଏର ୨ ଓ ଟାଏର ୩ ସହରକୁ ମଜଭୂତ କରିବା ଲକ୍ଷ୍ୟରେ ଏହି ଯାନ୍ତ୍ରିକ ପ୍ରଯୁକ୍ତି ବିଦ୍ୟାକୁ ବିକେନ୍ଦ୍ରୀକରଣ କରାଯାଇଥିବା କଥା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଗୋରଖପୁର, ଲକ୍ଷନୌ, ସିମଲା, ଔରଙ୍ଗାବାଦ, ପାଟନା, ବକ୍ସର, ମୁଜାଫରପୁର ପରି ସହରରେ ଏଆଇ ଡାଟା ଲାବ ପ୍ରତିଷ୍ଠା କରାଯାଇଥିବା ସେ କହିଛନ୍ତି । ସାରା ଦେଶରେ ଷ୍ଟାର୍ଟ ଅପ, ଏଆଇ ଲାବ, ୫ ଜି ଲାବ, ସେମି କଣ୍ଡକ୍ଟର ତାଲିମ ବ୍ୟବସ୍ଥା ପରି ବିଭିନ୍ନ କ୍ଷେତ୍ରରେ ସରକାରଙ୍କର ପ୍ରତିବଦ୍ଧତା ରହିଥିବା କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଲଜିଷ୍ଟିକ୍ସ ଓ ଅର୍ଥ ପରି ବିଭିନ୍ନ କ୍ଷେତ୍ରରେ ଏଆଇର ବିକାଶ ଦିଗରେ ସରକାର କାମ କରୁଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ କ୍ଷେତ୍ରରେ ଏଆଇର ସିଧାସଳଖ ପ୍ରଭାବ ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଜୁଡୋରେ ବ୍ରୋଞ୍ଜ ମେଡାଲ ହାସଲ କରିଥିବା ସମ୍ବିଦ ଦାସଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର(ମାନିସ):** ମାଲେସିଆ କୁଆଲାଲାମପୁର ଠାରେ ଅନୁଷ୍ଠିତ ୧୦ ମ ଏସିଆ ପାସିଫିକ ଡେଫ ଗେମ୍ ଜୁଡ ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ମେଡାଲ ଭାରତକୁ ଆଣିଥିବା ବାଲେଶ୍ୱର ଜିଲ୍ଲାର ଗର୍ବ ଗୌରବ ସମ୍ବିଦ ଦାସ ଆଜି ପୂର୍ବାହ୍ନରେ ବାଲେଶ୍ୱର ରେଳ ଷ୍ଟେସନ ରେ ପହଞ୍ଚିଥିଲେ । ଶ୍ରୀ ଦାସ ଙ୍କୁ ବାଲେଶ୍ୱର ରେଳ ଷ୍ଟେସନ ଠାରେ ଜିଲ୍ଲା ମୁକ ବଧିର ସଂଘର ସଦସ୍ୟ, ସଦସ୍ୟା ମାନେ ପାଛୋଟି ନେଇ ସମ୍ବର୍ଦ୍ଧନା ଦେବା ସହ ଶୋଭାଯାତ୍ରା ରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଙ୍କୁ ଭେଟିଥିଲେ । ଜିଲ୍ଲାପାଳ ଶ୍ରୀ ବିକାଶ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବିଦଙ୍କୁ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜଣାଇଥିଲେ ।

## ବୋରିଗୁମ୍ମା ବ୍ଲକ କାମରାରୁ ଖରିଫ ମଣ୍ଡିର ଶୁଭାରମ୍ଭ

**ଜୟପୁର:** ବୋରିଗୁମ୍ମା ବ୍ଲକ କମରା ଠାରୁ ଚଳିତ ଖରିବ ଋତୁ ଧାନ ମଣ୍ଡି ର ଆଜି ଠାରୁ କୋରାପୁଟ ଜିଲ୍ଲାପ୍ରଶାସନ ଦ୍ୱାରା ଶୁଭାରମ୍ଭ ହୋଇଛି । ଏଥିପାଇଁ ପ୍ରଶାସନ ତରଫରୁ ଚାଷୀଙ୍କ ଉନ୍ନତ ମାନର ଆବସକୀୟ ଉପକରଣ, ସାଙ୍ଗକୁ ଏଫଏକ୍ୟୁ ଧାନର ପରୀକ୍ଷା ପାଇଁ ଉନ୍ନତ ମାନର ଯନ୍ତ୍ର ପାତି ଦିଆଯାଇଛି । ଚାଷୀ ଙ୍କ ପାଇଁ ମଣ୍ଡି ରେ ସମସ୍ତ ବନ୍ଦବାସ୍ତ କରିଛି ପ୍ରଶାସନ ଜୟପୁର ଉପଖଣ୍ଡ ରେ ୩୪ଟି ମଣ୍ଡି ରେ ଆଜି ଠାରୁ ଧାନ କିଣା ଆରମ୍ଭ ହୋଇଛି । ବୋରିଗୁମ୍ମା ବ୍ଲକ ରେ ପ୍ରାୟ ୨୨ଟି ମଣ୍ଡି ରହିଛି । କାମତା ଓ ବୋରିଗୁମ୍ମା ଲେମ୍ପସ ବ୍ୟତୀତ ପାଣି ଫଂଚାୟତ ଏବଂ ଏସଏଚଜି ଗ୍ରୁପ ମାଧ୍ୟମରେ ମଣ୍ଡି ରେ ଧାନ କିଣା ଯାଉଛି । କାମରା ମଣ୍ଡି ଉଦ୍ଘାଟନ ସମାରୋହ ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ବିଭାଗ) ଅଲୋମଣି ସେଠି, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଉପଜିଲ୍ଲାପାଳ ଜୟପୁର ଆକାବରମ ସସ୍ୟା ରେଡ଼ି, ଉଜଉଝ ଭୀମସେନ ସାହୁ, କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲିକ, ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ରାଣୀ ସମରଥ, ତହସିଲ ଦାର ଅମୃତ ଲାଲ ବେହେରା, ବୋରିଗୁମ୍ମା ଲେମ୍ପ ସଭାପତି ଲାଲୁ ମଣି ସିଙ୍ଗ, ବରିଷ୍ଠ ଚାଷୀ ବିବେକାନନ୍ଦ ପଟନାୟକ ପ୍ରମୁଖ ଅତିଥିରୁପେ ଯୋଗ ଦେଇ ଥିଲେ । କାମରା ମଣ୍ଡି ର ସମସ୍ତ ଚାଷୀ ଏଥିରେ ଅଂଶ ଗ୍ରହଣ କାରିଛନ୍ତି । ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ସମସ୍ତ ଚାଷୀ ଙ୍କ ପାଇଁ ସୁ ବନ୍ଦୋବସ୍ତ କରାଯାଇଥିଲା । ଚଳିତ ଥର ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା ରେ କିଣା ନେଇ ନୂଆ ବିଜେପି ସରକର ନିଷ୍ପତି ପରେ ଚାଷୀ ଙ୍କ ମନରେ ଖୁସି ଖେଳି ଯାଇଛି । ଚାଷୀ କିଭଳି ମଣ୍ଡି ରେ ଠକମି ର ଶିକାର ନ ହେବେ ସେଥି ପାଇଁ ପ୍ରଶାସନ ସ୍ତର ରେ ସମସ୍ତ ପ୍ରସ୍ତୁତି ହୋଇଛି । ଏମିତି କି କୌଣସି ଚାଷୀ ଯଦି କୌଣସି ଅସୁବିଧାର ଶିକାର ହେଲେ ସେ ଟୋଲ ଫ୍ରି ନମ୍ବର କୁ ଡାଇଲ କରି ପାରିବେ ବୋଲି ସୂଚନା ଦେଲେ କୋରାପୁଟ ଜିଲ୍ଲା ମଣ୍ଡି ର ନୋଡାଲ ଅଧିକାରୀ ଏଡିଏମ ଅଲୋମଣି ସେଠି । ଚଳିତ ଖରିଫ ଋତୁ ରେ କିଭଳି ଧାନ କିଣା ହେବ ସେ ବିଷୟ ରେ ଜିଲା ମୁଖ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା ଉପସ୍ଥିତ ଚାଷୀ ଙ୍କୁ ସୂଚନା ଦେଇଥିଲେ ।

## ଫର କ୍ଲିପ୍ ଗାଡ଼ି ଧକ୍କାରେ ବାଲେଶ୍ୱର ଆଲୋଏଜ କମ୍ପାନୀର କାର୍ଯ୍ୟରତ ଶ୍ରମିକ ମୃତ

**ବାଲେଶ୍ୱର (ମାନିସ):** ମଙ୍ଗଳବାର ବିଳମ୍ବିତ ରାତିରେ ରେମୁଣା ସ୍ଥିତ ବାଲେଶ୍ୱର ଆଲୋଏଜ କମ୍ପାନୀର ଜଣେ କାର୍ଯ୍ୟରତ ଶ୍ରମିକ ଫର କ୍ଲିପ୍ ଗାଡି ଧକ୍କାରେ ମୃତ୍ୟୁ ହୋଇଛି । ମୃତ ଶ୍ରମିକ ହେଲେ ନୀଳଗିରି ଥାନା ଡୁମଗଡିଆ ଅଞ୍ଚଳର ସୁଦର୍ଶନ ପରିଡ଼ା ବୋଲି ଜଣାପଡିଛି । ସୂଚନା ଥାଉକି, ମଙ୍ଗଳବାର ରାତି ୧୧ ଟା ସମୟରେ ସୁଦର୍ଶନ ପରିଡ଼ା କମ୍ପାନୀରେ କାମ କରୁଥିବା ବେଳେ ହଠାତ୍ ତାଙ୍କ ଉପରକୁ କମ୍ପାନୀର ଫର କ୍ଲିପ୍ ଗାଡି ମାଡ଼ି ଯାଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ କମ୍ପାନୀ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇଁ ହିନ୍ଦ୍ ମଜଦୂର ସଭାର ସଂପାଦକ ଅରୁଣ ସ୍ୱାଇଁ, ଶ୍ରମିକ ନେତା ଶୁଭେନ୍ଦୁ ମଙ୍ଗରାଜ, ହେଇ ଙ୍କ ସମେତ ବହୁ ଶ୍ରମିକ ନେତା ଚିକିତ୍ସାଳୟରେ ପହଞ୍ଚିଥିଲେ । ଏ ସଂପର୍କରେ ରେମୁଣା ଥାନରେ ଏକ ମାମଲା ରୁଜୁ ହୋଇ ଆଜି ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି ।



## ୨ ମାସ ହେଲା ସ୍ୱାମୀଙ୍କୁ ଖୋଜୁଛନ୍ତି ଗୁଜରାଟୀ ମହିଳା

**ଭଦ୍ରକ:** ବଡ଼ ଆଳୁ ବ୍ୟବସାୟୀର ପରିଚୟ ଦେଇ ପ୍ରେମ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ପତ୍ନୀଙ୍କୁ ଚୂନ ଲଗାଇ କୋଟି କୋଟି ଟଙ୍କା ଠକି ନେଲେ । ଆଉ ଫେରିଲେ ନାହିଁ । ତେଣୁ ସ୍ୱାମୀଙ୍କୁ ଖୋଜି ଖୋଜି ଆସି ଭଦ୍ରକରେ ପହଞ୍ଚି ଗୁଜରାଟୀ ମହିଳା । ଗତ ଦୁଇ ମାସ ହେଲା ଭଦ୍ରକରେ ସ୍ୱାମୀଙ୍କୁ ଖୋଜୁଛନ୍ତି । ହେଲେ ପତ୍ତା ପାଉନାହାନ୍ତି । ଏନେଇ ସେ ବନ୍ତ ଥାନାଠାରୁ ଆରମ୍ଭ କରି ଭଦ୍ରକ ଏସ୍‌ପି ଓ ଡିଜିପିଙ୍କ ପାଖରେ ଗୁହାରୀ କରିସାରିଲେଣି । ତଥାପି ନ୍ୟାୟ ପାଇନଥିବା ମହିଳା ଜଣକ କହିଛନ୍ତି ।

ଅହମ୍ମଦାବାଦ ସ୍ଥିତ ନିଉ ରୁମିପର ହୀରାଲବେନ ହସମୁଖଲାଲ ମୋଦି ଏକ କମ୍ପାନୀରେ କାମ କରୁଥିଲେ । ସେହି କମ୍ପାନୀରେ କାମ କରୁଥିଲେ ବନ୍ତ ଥାନା ମୋହଲା ନରସିଂହପୁର ଗାଁର ମନୋଜ ନାୟକ । ପ୍ରଥମ ଦେଖାରେ ଉଭୟ ପରସ୍ପର ପ୍ରେମରେ ପଡ଼ିଥିଲେ । ଆଉ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ବିବାହ ପୂର୍ବରୁ ମନୋଜ ନିଜକୁ ଜଣେ ବଡ଼ ଆଳୁ ଓ ପିଆଜ ବ୍ୟବସାୟୀଙ୍କ ପୁଅ ବୋଲି କହିଥିଲେ । ଯେଉଁଥିପାଇଁ ମନୋଜଙ୍କ ବିବାହ ପ୍ରସ୍ତାବରେ ରାଜି ହୋଇଥିଲେ ହୀରାଲବେନ୍ । ୨୦୧୯ ମସିହା ଡିସେମ୍ବର ୯ ତାରିଖରେ ଉଭୟଙ୍କ ପ୍ରେମ ସମ୍ପର୍କ ବିବାହର ରୂପ ନେଇଥିଲା ।

ବିବାହ ପରେ ପରିବାର ଠିକ୍‌ଠାକ୍ ଚାଲିଥିଲା । ଉଭୟ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ । ଏହାରି ଭିତରେ ହୀରାଲବେନ୍ ଗର୍ଭବତୀ ହୋଇଥିଲେ । କୋଳକୁ ଆସିଥିଲା

**• ଭଦ୍ରକ ଏସ୍‌ପି ଓ ଡିଜିପିଙ୍କ ପାଖରେ ଗୁହାରୀ**

**• ନ୍ୟାୟ ମିଳୁନଥିବା ଅଭିଯୋଗ**

କୋଳନନ୍ଦନ । ଅଭିଯୋଗ ଅନୁସାରେ ପୁଅ ଜନ୍ମ ପରେ ଅସଲ ରୂପ ଦେଖାଇଥିଲେ ମନୋଜ । ହୀରାଲବେନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ । ବ୍ୟବସାୟ କରିବାର ବାହାନା କରି ଟଙ୍କା ମାଗିଥିଲେ । ନିଜ ପାଖରେ ଯାହା ଗଚ୍ଛିତ ସମ୍ବଳ ଥିଲା ଓ ଧାର ଉଧାର କରି ସ୍ୱାମୀଙ୍କୁ କୋଟିଏରୁ ଅଧିକ ଟଙ୍କା ଦେଇଥିଲେ । ସେଥିରେ କିନ୍ତୁ ମନୋଜଙ୍କ ମନ ଭରିନଥିଲା । ସେ ଆହୁରି ଟଙ୍କା ମାଗିଥିଲେ ।



ତେଣୁ ନିଜ ଫ୍ଲାଟ୍‌କୁ ବ୍ୟାଙ୍କରେ ବନ୍ଧକ ରଖି ଓ ବାପଘର ଲୋକଙ୍କଠାରୁ ଟଙ୍କା ଧାର ସୂତ୍ରରେ ମନୋଜଙ୍କୁ ଦେଇଥିଲେ ହୀରାଲବେନ । ଭାବିଥିଲେ ବ୍ୟବସାୟରୁ ଲାଭ ମିଳିଲେ ସ୍ୱାମୀ ଟଙ୍କା ସୁଝିଦେବେ ।

ହେଲେ ହୀରାଲବେନଙ୍କ ଭାବନା ଭୁଲ୍ ଥିଲା । ମନୋଜ ଥିଲେ ଭାରି ଚତୁର ! ପତ୍ନୀଙ୍କଠାରୁ ଟଙ୍କା ହଡପ୍ କରିବା ପରେ ଚମ୍ପଟ ମାରିବା ପାଇଁ ଯୋଜନା କରିଥିଲେ । ଘରେ କାମ ଅଛି ବୋଲି ବାହାନା କରି ମନୋଜ ଓଡ଼ିଶା ପଳାଇ ଆସିଥିଲେ । ସେ ଟଙ୍କା ଧରି ଆସି ନିଜ ଗାଁରେ ପହଞ୍ଚିଥିଲେ । ପରବର୍ତ୍ତୀ ସମୟରେ ମନୋଜ ଆଉ ହୀରାଲବେନଙ୍କ ପାଖକୁ ଫେରିନଥିଲେ । ତାଙ୍କ ସହ କୌଣସି ଯୋଗାଯୋଗ କଲେନାହିଁ ।

ସ୍ୱାମୀଙ୍କୁ ଖୋଜି ଖୋଜି ଭଦ୍ରକ ଜିଲ୍ଲା ବନ୍ତରେ ପହଞ୍ଚିଥିଲେ ହୀରାଲବେନ । ନିଜ ଶାଶୁ ଘରକୁ ଯାଇଥିଲେ । ହେଲେ ସେଠାରେ ସ୍ୱାମୀଙ୍କୁ ପାଇଲେନାହିଁ । ପରେ ନିଜ ସ୍ୱାମୀଙ୍କ ନାଁରେ ସେ ଦୁଇ ଦୁଇ ଥର ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି । ହେଲେ ଆଜି ପର୍ଯ୍ୟନ୍ତ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ତେଣୁ ଗତ ଦୁଇ ମାସ ହେଲା ନ୍ୟାୟ ପାଇଁ ଭଦ୍ରକରେ ଘୁରି ବୁଲୁଛନ୍ତି ହୀରାଲବେନ । ବନ୍ତ ପୁଲିସ୍‌ର ତଦନ୍ତ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି ହୀରାଲବେନ ଭଦ୍ରକ ଏସ୍‌ପିଙ୍କ ପାଖରେ ପହଞ୍ଚିଥିଲେ । ନ୍ୟାୟ ପାଇଁ ଗୁହାରୀ କରିଥିଲେ । ହେଲେ ସେଠାରୁ ମଧ୍ୟ ନିରାଶ ହୋଇଥିଲେ । ପରବର୍ତ୍ତୀ ସମୟରେ ହୀରାଲବେନ ଡିଜିପିଙ୍କ ପାଖରେ ଅଭିଯୋଗ କରିଥିଲେ । ଡିଜିପି ମାମଲାର ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ପାଇଁ ଭଦ୍ରକ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ହୀରାଲବେନ ଚତୁର୍ଥ ଥର ପାଇଁ ଏସ୍‌ପିଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି । ଆଗକୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି ହୀରାଲବେନ । ହୀରାଲବେନ କହିଛନ୍ତି, ପୁଲିସ ଜାଣିଶୁଣି ମନୋଜ ଓ ତାଙ୍କ ଘର ଲୋକଙ୍କୁ ଗିରଫ କରୁନାହିଁ । ଯେଉଁ ଲୋକ ନିଜ ସ୍ତ୍ରୀ ଓ ସନ୍ତାନକୁ ଠକିଛି, ସେ ଲୋକକୁ ଦଣ୍ଡ ମିଳିବା ଦରକାର । ଯାହା ପୁଲିସ କରୁନାହିଁ ବୋଲି ହୀରାଲବେନ କହିଛନ୍ତି । ହୀରାଲବେନଙ୍କ ଅଭିଯୋଗ ନେଇ ତାଙ୍କ ସ୍ୱାମୀ ମନୋଜଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

ଆକ୍ସନରେ ଆଇସିସି ଅଧ୍ୟକ୍ଷ ଜୟ ଶାହ

# ୨୦୩୨ ଅଲିମ୍ପିକ୍ସରେ ଖେଳାଯିବ କ୍ରିକେଟ୍

**ବିସବ୍ରେନ୍, ୧୨।୧୨:** ଆଇସିସି (ଇଣ୍ଟର ନ୍ୟାସନାଲ କ୍ରିକେଟ ଆସୋସିଏସନ୍)ର ଅଧ୍ୟକ୍ଷ ହେବାପରଠାରୁ ଆକ୍ସନରେ ଜୟ ଶାହ। କ୍ରିକେଟକୁ ସାରା ବିଶ୍ୱରେ ନୂତନ ସ୍ଥାନ ଦେବା ଦିଗରେ କାମ କରିବାର ଆରମ୍ଭ କରିଛନ୍ତି। ସେ ବ୍ରିସବ୍ରେନ୍‌ରେ ୨୦୩୨ ଅଲିମ୍ପିକ୍ ଆୟୋଜନ କମିଟିକୁ ସାକ୍ଷାତ କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୩୨ ଅଲିମ୍ପିକ୍ସର ଆୟୋଜନ ଅଷ୍ଟ୍ରେଲିଆର ବ୍ରିସବେନ୍‌ରେ ହେବାର ଅଛି। ପୂର୍ବରୁ ଘୋଷଣା ହୋଇସାରିଥିବା ଏହି ଖେଳରେ କ୍ରିକେଟକୁ ମଧ୍ୟ ରଖାଯିବ। ଉଲ୍ଲେଖନୀୟ ଯେ, କ୍ରିକେଟ ଖେଳ ଏହା ପୂର୍ବରୁ ଅର୍ଥାତ ୨୦୨୮ରେ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସକୁ ଫେରି ସାରିଥିବ।



ବିସିସିଆଇର ପୂର୍ବତନ ସଚିବ ଓ ଆଇସିସିର ବର୍ତ୍ତମାନର ଚେୟାରମ୍ୟାନ୍ ଜୟ ଶାହ ସୋସିଆଲ ମିଡିଆରେ ଏକ ଭିଡିଓ କ୍ଲିପ୍ ସେୟାର କରିଛନ୍ତି। ଯେଉଁଥିରେ ବେଂକର କିଛି ଅଂଶକୁ ଦେଖିବାକୁ ମିଳିଛି। ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍ ଖେଳାଯିବା ନେଇ ଜୟ ଶାହଙ୍କର ବହୁତ ବଡ ଯୋଗଦାନ ରହିଛି। ସେ ଏହି ଖେଳକୁ ସାରା ବିଶ୍ୱରେ ଲୋକପ୍ରିୟତା ବଢାଇବାକୁ ଜୋରସୋରରେ ଚେଷ୍ଟା କରୁଛନ୍ତି। ବ୍ରିସବେନ୍‌ରେ ବର୍ତ୍ତମାନ ଦେବଜିତ୍ ସକ୍ରିୟ ଅଛନ୍ତି। ତାଙ୍କୁ ନିକଟରେ ବିସିସିଆଇର ଅନ୍ତରୀଣ ସଚିବ ଭାବରେ ନିଯୁକ୍ତ କରାଯାଇଛି।

ଜୟ ଶାହ ଚମ୍ପିଆନ୍ସ ଟ୍ରଫି ବିବାଦ ଭିତରେ ଅଷ୍ଟ୍ରେଲିଆ ପହଞ୍ଚିବା ବହୁତ କିଛି ସ୍ପଷ୍ଟ କରୁଛି। ଅଷ୍ଟ୍ରେଲିଆ ଚମ୍ପିଆନ୍ସ ଟ୍ରଫି ମାମଲାରେ ବିସିସିଆଇର ସମର୍ଥକଙ୍କ ମଧ୍ୟରୁ ଏକ ବୋର୍ଡ। ବର୍ତ୍ତମାନ ଭାରତୀୟ କ୍ରିକେଟ କନଟ୍ରୋଲ ବୋର୍ଡର ଜଏଣ୍ଟ ସେକ୍ରେଟାରୀ ଦେବଜିତ୍ ସୈକିୟା ସେଠାରେ ରହିବା ବିସିସିଆଇ ଓ ସିଏର ସମ୍ପର୍କକୁ ଆହୁରି ପ୍ରଗାଢ କରୁଛି। ଆଗକୁ ଜୟ ଶାହଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ ଓ ନ୍ୟୁ ସାଉଥ୍ ୱେଲ୍ସ ୩ ଜାନୁଆରୀରୁ ଆରମ୍ଭ ହେଉଥିବା ସିଡନୀ ଟେଷ୍ଟ ପାଇଁ ଜୟ ଶାହଙ୍କୁ ଆମନ୍ତ୍ରିତ କରିଛି।

# ଗୁକେଶ ବିଶ୍ୱ ଚାମ୍ପିୟନ

■ ଚେସ୍ ଜଗତରେ ଇତିହାସ

■ ଚାମ୍ପିୟନ ହେବାରେ ଗୁକେଶ ସର୍ବକନିଷ୍ଠ

**ନୂଆଦିଲ୍ଲୀ, ୧୨।୧୨:** ଇତିହାସ ରଚିଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଚେସର ନୂଆ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ୧୮ ବର୍ଷୀୟ ଡି ଗୁକେଶ। ବିଶ୍ୱ ଚେସ୍ ଚାମ୍ପିୟନସିପ୍ ଟାଇଟଲ ହାସଲ କରିବାରେ ସେ ହେଉଛନ୍ତି ସର୍ବକନିଷ୍ଠ। ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନସିପର ନିର୍ଣ୍ଣାୟକ ମ୍ୟାଚର ୧୪ଶ ବାଜିରେ ସେ ଚୀନ୍‌ର ଡିଫେଣ୍ଡିଂ ଚାମ୍ପିୟନ୍ ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଚେସରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ଗୁକେଶ।




ଗୁରୁବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏବଂ ତଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୀନର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ୧୩ଶ ବାଜି ପର୍ଯ୍ୟନ୍ତ ଉଭୟଙ୍କ ପଏଣ୍ଟ ୬.୫ ସହ ମ୍ୟାଚ୍ ଡ୍ର ଥିଲା। ହେଲେ ୧୪ଶ ବାଜି ମଧ୍ୟ ଡ୍ର ଆଡକୁ ଯାଉଥିବା ଡିଙ୍ଗ୍ ନିଜର ୫୩ତମ ମୁଭରେ ଭୁଲ୍ କରିଥିଲେ। ଯାହାର ଫାଇଦା ଉଠାଇବାରେ ସଫଳ ହୋଇଥିଲେ ଗୁକେଶ। ସଫଳ ରଣନୀତି ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ଚାପ ପକାଇବାରେ ସଫଳ ହୋଇ ୭.୫- ୬.୫ ପଏଣ୍ଟ ସହ ଏହି ମ୍ୟାଚକୁ ଜିତି ନେଇଥିଲେ ଗୁକେଶ।

ମ୍ୟାଚ୍ ଜିତିବା ପରେ ଏହାକୁ ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଦିନ ବୋଲି କହିଛନ୍ତି ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଏହି ଅବିଶ୍ୱସନୀୟ ସଫଳତା ହାସଲ କରିବାରେ ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଏହାପୂର୍ବରୁ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଏହି ବିଶିଷ୍ଟ ତାଲିକାର ଅଂଶ ଭାବରେ ଏକମାତ୍ର ଭାରତୀୟ ଥିଲେ। ଆନନ୍ଦ ୫ ଥର ବିଶ୍ୱ ଚେସ୍ ଚାମ୍ପିୟନସିପର ସମ୍ମାନଜନକ ଟାଇଟଲ୍ ଜିତିଛନ୍ତି। ସେ ୨୦୦୦, ୨୦୦୭, ୨୦୦୮, ୨୦୧୦ ଓ ୨୦୧୨ରେ ଚେସରେ ବିଶ୍ୱ ବିଜୟୀ ହୋଇଥିଲେ।

# ଇକୋର୍ସା ମଞ୍ଚେଶ୍ୱର ଦ୍ୱାରା ଆନ୍ତ-ସପ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୧୨।୧୨:** ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ (ଇକୋର୍ସା)/ ମଞ୍ଚେଶ୍ୱର ସ୍ୱାରୀ ଡ଼ବା ମରାମତି କାରଖାନା / ମଞ୍ଚେଶ୍ୱର ଦ୍ୱାରା ୯ ଏବଂ ୧୦ ଡିସେମ୍ବର ୨୦୨୪ ରେ ମଞ୍ଚେଶ୍ୱରର ଚାଇଲ୍ଡ ପାର୍କରେ ଏହାର କର୍ମଚାରୀଙ୍କ ମଧ୍ୟରେ ଇଣ୍ଟର-ସପ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଯାଇଅଛି। ଶେଷ ଦିନରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଥ୍ରୋ ବଲ୍ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇଥିଲା। ଯେକୌଣସି ବୟସରେ ବ୍ୟାୟାମର ଉତ୍ତମ ଲାଭକୁ ଉତ୍ସାହିତ କରିବା ପାଇଁ ୪୫ ବର୍ଷରୁ ଅଧିକ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଦୌଡ-କୁଦ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ତଥା ମୁଖ୍ୟ ୱାର୍କସପ ପ୍ରବନ୍ଧକ ଓ ମଞ୍ଚେଶ୍ୱର ଇକୋର୍ସାର ଅଧ୍ୟକ୍ଷ ଶ୍ରୀ ଅମିତ ସିହ୍ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ପାଇଁ ଭାଗିଦାରୀ ପାଇଁ ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଖେଳ ଖେଳିବା ଆମର ଜୀବନଶୈଳୀ ହେବା ଉଚିତ୍। ଆମର ଦୈନନ୍ଦିନ ଜୀବନରେ କ୍ରୀଡା ଅନ୍ତର୍ଭୁକ୍ତ କରିବା ଉଚିତ୍। ସମସ୍ତ କର୍ମଚାରୀ ଏହି ଟୁର୍ନାମେଣ୍ଟରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ରମେଶ ଏବଂ କ୍ରୀଡ଼ା ଅଧିକାରୀ, ଇକୋର୍ସା / ମଞ୍ଚେଶ୍ୱର ଶ୍ରୀ ଏସ.ଭି.କେ କିରଣ କୁମାର ଏହି ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ମ୍ୟାଚ ସମୟରେ ଉପସ୍ଥିତ ଥିଲେ। କର୍ମଶାଳା ସହାୟତା କର୍ମଚାରୀ (WSS) ଟିମ୍ ଫାଇନାଲ୍ ମ୍ୟାଚ୍ରେ ବିଜୟୀ ହୋଇଥିଲା।



# ଯଶସ୍ୱୀଙ୍କୁ ହୋଟେଲରେ ଛାଡ଼ି ପଳାଇଲା ବସ୍






**ଆଡିଲେଡ୍, ୧୨।୧୨:** ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ୧୪ ତାରିଖ (ଶନିବାର)ଠାରୁ ଆରମ୍ଭ ହେବ। ଏହି ମ୍ୟାଚ୍ ବ୍ରିସବେନ୍ କ୍ରିକେଟ ଗ୍ରାଉଣ୍ଡ (ଗାବା ନାଁରେ ଜଣାଶୁଣା)ରେ ଖେଳାଯିବ। ସେଥିପାଇଁ ଭାରତୀୟ କ୍ରିକେଟ୍ ଦଳ ବ୍ରିସବେନରେ ପହଞ୍ଚି ସାରିଛି। ତେବେ ବ୍ରିସ୍‌ବେନ ଆସିବା ପୂର୍ବରୁ ଆଡିଲେଡ୍‌ରେ ଯୁବ କ୍ରିକେଟ ଯଶସ୍ୱୀ ଜୈସୱାଲଙ୍କ ଉପରେ ରାଗି ଯାଇଥିଲେ ଅଧିନାୟକ ରୋହିତ ଶର୍ମା। ଏମିତିକି ତାଙ୍କୁ ହୋଟେଲରେ ଛାଡ଼ି ପୂରା ଟିମ୍ ବ୍ରିସ୍‌ବେନ ଅଭିମୁଖେ ଯାତ୍ରା କରିବା ପାଇଁ ଆଡିଲେଡ୍ ବିମାନ ବନ୍ଦରକୁ ଚାଲି ଯାଇଥିଲା।

> "ଧାର୍ଯ୍ୟ ସମୟରେ ସମସ୍ତେ ଲବିରେ ପହଞ୍ଚି ଯାଇଥିଲେ ହେଁ ଯଶସ୍ୱୀ ଜୈସୱାଲଙ୍କ ଦେଖା ମିଳି ନଥିଲା। ତେଣୁ ଅଧିନାୟକ ରୋହିତ ଶର୍ମା ରାଗି ଯାଇଥିଲେ ଓ ସେମାନେ ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇଟି ଯାକ ବସ୍ ଯଶସ୍ୱୀଙ୍କୁ ଛାଡ଼ି ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିଥିଲା।

ଘଟଣାଟି ହେଉଛି ଏମିତି। ଆଡିଲେଡ୍‌ରୁ ବ୍ରିସବେନ ଯିବା ପାଇଁ ଟିମ୍ ଇଣ୍ଡିଆର ଖେଳାଳି, କୋଚ୍ ଓ ଅନ୍ୟ ସମସ୍ତ ସଦସ୍ୟମାନେ ହୋଟେଲ୍ ଲବିରେ ଆସି ଏକାଠି ହୋଇଥିଲେ। ଆଡିଲେଡ୍ ବିମାନ ବନ୍ଦର ପର୍ଯ୍ୟନ୍ତ ଯିବା ନିମନ୍ତେ ସେମାନଙ୍କ ପାଇଁ ଦୁଇଟି ବସ୍‌ର ବ୍ୟବସ୍ଥା ହୋଇଥିଲା। ଧାର୍ଯ୍ୟ ସମୟରେ ସମସ୍ତେ ଲବିରେ ପହଞ୍ଚି ଯାଇଥିଲେ ହେଁ ଯଶସ୍ୱୀ ଜୈସୱାଲଙ୍କ ଦେଖା ମିଳି ନଥିଲା। ଅଳ୍ପ ସମୟ ମଧ୍ୟରେ ସେ ଆସିଯିବେ ଭାବି ସମସ୍ତ ଖେଳାଳି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବସ୍‌ରେ ଯାଇ ବସିଥିଲେ। ସେମାନେ ସେଠାରେ ଯଶସ୍ୱୀଙ୍କୁ ଅପେକ୍ଷା କଲେ। କିନ୍ତୁ କିଛି ସମୟ ଅପେକ୍ଷା କରିବା ସତ୍ତ୍ୱେ ଆସି ନଥିଲେ ଯଶସ୍ୱୀ। ତେଣୁ ଅଧିନାୟକ ରୋହିତ ଶର୍ମା ରାଗି ଯାଇଥିଲେ ଓ ସେମାନେ ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇଟି ଯାକ ବସ୍ ଯଶସ୍ୱୀଙ୍କୁ ଛାଡ଼ି ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିଥିଲା। ଅବଶ୍ୟ ଟିମ୍ ମ୍ୟାନେଜମେଣ୍ଟ ଯଶସ୍ୱୀଙ୍କ ପାଇଁ ଏକ କାର୍ ବୁକ୍ କରି ଦେଇଥିଲେ।

ଦୁଇଟି ଯାକ ବସ୍ ହୋଟେଲ ଛାଡ଼ିବାର ପ୍ରାୟ ୨୦ ମିନିଟ୍ ପରେ ଲବିରେ ଆସି ପହଞ୍ଚିଥିଲେ ଯଶସ୍ୱୀ ଜୈସୱାଲ। ସେ ବୁକ୍ ହୋଇଥିବା କାରରେ ବିମାନ ବନ୍ଦରକୁ ଯାଇଥିଲେ। ଜଣେ ସୁରକ୍ଷାକର୍ମୀ ତାଙ୍କ ସହିତ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଟିମ୍ ସହିତ ସାମିଲ ହୋଇ ବିମାନ ଯୋଗେ ବ୍ରିସବେନ ଯାଇଥିଲେ ଯଶସ୍ୱୀ।

ପର୍ଥରେ ବୃହତ୍ତ ବିଜୟ ପରେ ଆଡିଲେଡ୍‌ରେ ପିଙ୍କ୍ ଟେଷ୍ଟରେ ଲଜ୍ଜାଜନକ ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ। ଏବେ ଏହି ସିରିଜ୍‌ରେ ଉଭୟ ଦଳ ୧-୧ ସ୍ଥିତିରେ ଥିବା ବେଳେ ଶନିବାରଠାରୁ ଆରମ୍ଭ ହେବ ତୃତୀୟ ଟେଷ୍ଟ। ଏହି ମ୍ୟାଚ୍‌ରେ ଦଳକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ଏଥିରେ ପରାସ୍ତ ହେଲେ ଚାପ ଆହୁରି ବଢ଼ିଯିବ ଓ ପରବର୍ତ୍ତୀ ଦୁଇଟି ଟେଷ୍ଟ ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯିବ।

# ସାଉଦି ଆରବ ୨୦୩୪ ଫିଫା ବିଶ୍ୱକପ୍ ଆୟୋଜକ

**ନୂଆଦିଲ୍ଲୀ, ୧୨।୧୨:** କତର ପରେ ମଧ୍ୟପ୍ରାଚ୍ୟର ଆଉ ଏକ ଦେଶକୁ ମିଳିଛି ଫୁଟବଲ୍ ବିଶ୍ୱକପ ଆୟୋଜନ ଲାଗି ସୁଯୋଗ। ସାଉଦି ଆରବ ହେବ ୨୦୩୪ ପୁରୁଷ ଫୁଟବଲ୍ ବିଶ୍ୱକପର ଆୟୋଜକ

**ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା କଲା ଘୋଷଣା**

ଦେଶ। ସେହିଭଳି ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ ଏବଂ ମୋରୋକୋରେ ଆୟୋଜିତ ହେବ। ବୁଧବାର ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଏହି ଘୋଷଣା କରିଛନ୍ତି।

ଫିଫା ଅଧ୍ୟକ୍ଷ ଗିୟାନୀ ଇନଫ୍ୟାଣ୍ଟିନୋ ଏହି ଘୋଷଣା କରି କହିଛନ୍ତି, 'ଆମେ ଫୁଟବଲକୁ ଆହୁରି ଅଧିକ ଦେଶକୁ ନେଇ ଯିବାକୁ ପ୍ରୟାସ କରୁଛୁ ଏବଂ କୌଣସି ଟିମ୍‌ର ଗୁଣବତ୍ତା ସହ ସାଲିସ କରୁନାହୁଁ।' ସାଉଦି ଆରବରେ ଆୟୋଜନ ପାଇଁ କୌଣସି ପ୍ରକାର ବିରୋଧ ହୋଇ ନାହିଁ। ଜ୍ୟୁରିଖରେ ଫିଫା ବିଶ୍ୱକପ୍ ପାଇଁ ହୋଇଥିବା ବୈଠକରେ ୨୦୦ରୁ ଅଧିକ ସଦସ୍ୟ ଦେଶ ସର୍ବସମ୍ମତିରେ ମଞ୍ଜୁରି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଫିଫା ବିଶ୍ୱକପ୍ ଉତ୍ତର ଆମେରିକା (ୟୁଏସ୍, ମେକ୍ସିକୋ ଏବଂ କାନାଡା)ର ୧୬ ସହରରେ ଆୟୋଜନ କରାଯିବ। ଫିଫା ଏବଂ ସାଉଦି ଆରବର ଅଧିକାରୀଙ୍କ ଅନୁସାରେ, '୨୦୩୪ ଫୁଟବଲ୍ ବିଶ୍ୱକପ୍ ଆୟୋଜନ ଦ୍ୱାରା ଦେଶରେ ମହିଳାଙ୍କୁ ଅଧିକ ସାଧୀନତା ଏବଂ ଅଧିକାର ମିଳିପାରେ। ଯାହା ଭବିଷ୍ୟତରେ ଏକ ବଡ଼ ପରିବର୍ତ୍ତନ ଆଣିବ।'




ଜ୍ୟୁରିଖ ବୈଠକରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ପାଇଁ ମଧ୍ୟ ଘୋଷଣା ହୋଇଛି। ବିଶ୍ୱ ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫାର ଘୋଷଣା ଅନୁସାରେ, ୨୦୨୭ରେ ମହିଳା ବିଶ୍ୱକପ୍ ୨୪ ଜୁନ୍‌ରୁ ୨୫ ଜୁଲାଇ ଯାଏଁ ବ୍ରାଜିଲ୍‌ରେ ଆୟୋଜିତ ହେବ। ପ୍ରଥମ ଥର ଲାଗି କୌଣସି ଦକ୍ଷିଣ ଆମେରିକୀୟ ଦେଶରେ ମହିଳା ଫୁଟବଲ୍ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ମହିଳା ବିଶ୍ୱକପ୍‌ରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିବେ। ଏହା ପୂର୍ବରୁ ୨୦୨୩ରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ହୋଇଥିବା ମହିଳା ବିଶ୍ୱକପ୍‌ରେ ସ୍ପେନ୍ ବିଜୟୀ ହୋଇଥିଲା।

# ପାକିସ୍ତାନ ଜିତିବ ଚାମ୍ପିୟନ୍ସ ଟ୍ରଫି: ଅଖତର

**ଇସଲାମାବାଦ, ୧୨।୧୨:** ବିଶ୍ୱର ଦ୍ରୁତତମ ବୋଲର ଭାବରେ ଖ୍ୟାତି ଅର୍ଜନ କରିଥିବା ଶୋଏବ ଅଖତର ଚାମ୍ପିଅନ୍ସ ଟ୍ରଫି-୨୦୨୫ରେ କେଉଁ ଦଳ ବିଜୟୀ ହେବ ସେ ନେଇ ଭବିଷ୍ୟବାଣୀ କରିଛନ୍ତି। ଅଖତର ଏଥର କାହାକୁ ଚାମ୍ପିଅନ୍ସ ଟ୍ରଫିର ବିଜେତା ଭାବରେ ଦେଖିବାକୁ ଚାହୁଁଛନ୍ତି, ତାହା ଜଣାଇଛନ୍ତି। ୨୦୧୭ପରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେଉଛି। ୨୦୧୭ରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପାକିସ୍ତାନ ଭାରତକୁ ପରାସ୍ତ କରି ଟାଇଟଲ ଜିତିଥିଲା। ବର୍ତ୍ତମାନ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବାକୁ ଯାଉଛି। ଏହାକୁ ନଜରରେ ରଖି ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ଭବିଷ୍ୟବାଣୀ କରିଛନ୍ତି ଯେ, ୨୦୨୫ରେ ବି ପାକିସ୍ତାନ ଜିତିବ। ପାକିସ୍ତାନକୁ ଜିତିବାକୁ ହେବ। ପାକିସ୍ତାନୀ ୟୁଟ୍ୟୁବର୍ ନିକସ ଖାନଙ୍କ ପୋଡକାଷ୍ଟକୁ ଯାଇ ଅଖତର କହିଛନ୍ତି, 'ମୁଁ ପାକିସ୍ତାନକୁ ବିଜେତା ବୋଲି ଭାବି ନେଇଛି ଏବଂ ଦଳ ବର୍ତ୍ତମାନ ଯେମିତି ହେଲେ ବି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବା ଉଚିତ। ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବା ବିଷୟ ଉପରେ ଅନେକ ବିବାଦ ହୋଇସାରିଛି। ଭାରତ ଆମ ଦେଶକୁ ଆସିବାକୁ ରାଜି ନହେବାରୁ ଶେଷରେ ହାଇବ୍ରିଡ ମଡେଲରେ ମ୍ୟାଚ୍ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତି ଦେଖାଇ ଦେବାକୁ ହେବ ଯେ, ପାକିସ୍ତାନ ବିଶ୍ୱ କ୍ରିକେଟରେ କେଉଁଠାରେ ରହିଛି। ମୁଁ ଭବିଷ୍ୟବାଣୀ କରୁଛି ଯେ, ପାକିସ୍ତାନ ଜିତିବ।'









MBA/24-25/0446

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar